ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯବେକ୍ଷକ

Vol.26 . No.65 Bhubaneswar Friday April 14 2023 | ୨୬ତମ ବର୍ଷ ସଂଖ୍ୟା–୬୫ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୧୪, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ସରକାରଙ୍କ ବଡ ନିଷ୍ପତ୍ତି, ନିୟମିତ ହେବେ ଠିକା ଶିକ୍ଷକ

ଭୁବନେଶ୍ୱର, ୧୩।୪(ପି.ଏନ): ଠିକା ନିଯୁକ୍ତି ବ୍ୟବସ୍ଥାକୁ ରାଜ୍ୟ ସରକାର ଉଚ୍ଛେଦ କରିଥିବା ସତ୍ତ୍ୱେ ନିଜର ଚାକିରି ନିୟମିତ ଅପେକ୍ଷାରେ ଥିବା ହଜାର ହଜାର ଶିକ୍ଷକଙ୍କ ପାଇଁ ଖୁସି ଖବର । ଚୁକ୍ତିଭିତ୍ତିକ ଓ ଇନିସିଆଲ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ ଚାକିରି ନିୟମିତ ହେବ । ଆଜି ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।



## ଖରା ବଢିଲେ ପୁଣି ନିଷ୍ପତି ନିଆଯିବ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୩।୪(ପି.ଏନ): ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ କାରଣରୁ ସ୍କୁଲ ଓ ଅଙ୍ଗନବାଡ଼ି ୧୬ ଯାଏଁ ବନ୍ଦ ଅଛି । ଖରା ବଢ଼ିଲେ ପୁଣି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ । ସେ କହିଛନ୍ତି ଯେ ବର୍ତମାନ କଲେଜ ପରୀକ୍ଷା ଚାଲିଛି । ପରୀକ୍ଷା ସରିଲେ ଖରା ଦେଖି ନିଷ୍ପତ୍ତି ନିଆଯିବ । ସେ କହିଛନ୍ତି ଯେ ଶ୍ରମିକଙ୍କ ପାଇଁ ଦିନ ୧୧ରୁ ୩ଟା କାମ ବନ୍ଦ କରିବାକୁ ନିର୍ଦେଶ ଦିଆଯାଇଛି । ଶ୍ରମ ଅଧିକାରୀ ଏହା ତଦାରଖ କରିବେ । ସେ କହିଛନ୍ତି ଯେ 'ବସ୍‌ରେ ଅଧିକ ଗହଳି ନ କରିବାକୁ ପରିବହନ ବିଭାଗକୁ କୁହାଯାଇଛି । 'ବସ୍‌ରେ ବରଫ, ଓଆରଏସ , ପାଣି ମହଜୁଦ ରଖିବାକୁ କୁହାଯାଇଛି । ଳଛତ୍ର ଖୋଲିବାକୁ ଓ ନଳକୂଅ ମରାମତି ପାଇଁ କୁହାଯାଇଛି । ହସ୍ପିଟାଲରେ ଅଂଶୁଘାତ ରୋଗୀଙ୍କ ପାଇଁ ବେଡ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି ।

## ଜୟପୁରରେ ଲାଗିଲା୧୪୪ ଧାରା

ଜୟପୁର, ୧୩।୪(ପି.ଏନ): ଜୟପୁର ସହର ରେ ଲାଗୁ ହେଲା ୧୪୪ ଧାରା।ଏନେଇ ଜୟପୁର ଉପଜିଲାପାଳ ବେଦ ବର ପ୍ରଧାନ ଚିଠି କରିଛନ୍ତି। ଆଜି ଠାରୁ ଚଳିତ ମାସ ୨୦ ତାରିଖ ଯାଏ ଜୟପୁର ରେ ୧୪୪ ଧାରା ବଳବତର ରହିବ। ଅପରାହ୍ନ ୩ ଘଂଟା ଠାରୁ ସକାଳ ୯ ଘଂଟା ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ ହେବ। ଜୟପୁର ଉପଖଣ୍ଡ ରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହବା ସନ୍ଦେହ କରି ଥିଲେ ଜୟପୁର ଝଉଚଡ଼। ପୋଲିସ ର ରିପୋର୍ଟ କୁ ଆଧାର କରି ଜୟପୁର ଉଅଖଣ୍ଡ ରେ ୧୪୪ ଧାରା ଲାଗୁ କରିଛନ୍ତି ଜୟପୁର ଉପଜିଲାପାଳ।

# ଆହୁରି ୨ ଦିନ ତାତିବ ଓଡିଶା

ଭୁବନେଶ୍ୱର, ୧୩।୪(ପି.ଏନ): ସାରା ରାଜ୍ୟରେ ଗ୍ରୀଷ୍ମର ପ୍ରଭାବ ଜାରି ରହିଛି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଗୁରୁବାର ରାଜ୍ୟର ୨୫ ସହରରେ ଦିନ ତାପମାତ୍ରା ୪୦ ଡ଼ିଗ୍ରୀ କିମ୍ବା ଅଧିକ ରହିଛି। ୮ ସହର ରେ ୪୨ ଡ଼ିଗ୍ରୀ କିମ୍ବା ଅଧିକ ତାତି ରେକର୍ଡ ହୋଇଛି। ବାରିପଦା ରାଜ୍ୟର ଉତପ୍ତ ସହର ପାଲଟିଛି। ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୩.୫ ଡ଼ିଗ୍ରୀ ରେକର୍ଡ ହୋଇଛି। ଆଗାମୀ ୨ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆଗାମୀ ୨ ଦିନ ମଧରେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ୩ରୁ ୫ ଡ଼ିଗ୍ରୀ ଯାଏଁ ଦିନ ତାପମାତ୍ରା ରେ ବୃଦ୍ଧି ସମ୍ଭାବନା ରହିଛି। ପରବର୍ତୀ ସମୟରେ ଦିନ ତାପମାତ୍ରା ସାମାନ୍ୟ କମିପାରେ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଦେଖାଦେବ। ଏଥିପାଇଁ ଏହି ଜିଲ୍ଲା ଗୁଡିକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ଆସନ୍ତାକାଲି ଅର୍ଥାତ୍ ୧୪ ତାରିଖରେ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ , ଦେବଗଡ , ଅନୁଗୁଳ ଓ ବାଲେଶ୍ୱର ଏବଂ ୧୫ ତାରିଖରେ ଦେବଗଡ, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, ସୋନପୁର ଓ ବୌଦ୍ଧ ଜିଲ୍ଲାରେ ହିଟ୍ ୱେଭ୍ ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଗୁରୁବାର ଦିନ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ବାଲେଶ୍ୱରରେ ୪୦, ଚାନ୍ଦବାଲିରେ ୪୧.୩, କଟକରେ ୪୧.୪, ଭୁବନେଶ୍ୱରରେ ୪୦.୮, ଅନୁଗୁଳରେ ୪୨.୫, ବାରିପଦାରେ ୪୩.୫, ଝାରସୁଗୁଡ଼ାରେ ୪୧.୮, ଟିଟିଲାଗଡ଼ରେ ୪୨.୨, ସୋନପୁରରେ ୪୨.୫, ନୟାଗଡ଼ରେ ୪୦, ବୌଦ୍ଧରେ ୪୨.୫, ପାରଳାଖେମୁଣ୍ଡିରେ ୪୦.୬, ଭଦ୍ରକରେ ୪୧, ଯାଜପୁରରେ ୪୦.୨, ଢେଙ୍କାନାଳରେ ୪୦.୫, ନୂଆପଡ଼ାରେ ୪୦, ଜଗତସିଂହପୁରରେ ୪୦.୫, ରାଉରକେଲାରେ ୪୧, ସମ୍ବଲପୁରରେ ୪୧.୬, ସୁନ୍ଦରଗଡ଼ରେ ୪୧, ଫୁଲବାଣୀରେ ୪୦.୩, ହୀରାକୁଦରେ ୪୦.୬, ତାଳଚେରରେ, ଭବାନୀପାଟଣାରେ ଓ ବଲାଙ୍ଗୀରରେ ୪୨ ଡ଼ିଗ୍ରୀ ଲେଖାଏଁ ତାପମାତ୍ରା ରେକର୍ଡ କରାଯାଇଛି।

# ଝାରସୁଗୁଡା ଉପନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୧୩।୪(ପି.ଏନ): ଝାରସୁଗୁଡାରେ ଉପ-ନିର୍ବାଚନ ପାଇଁ ଆଜି ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ମେ' ୧୦ ତାରିଖରେ ଝାରସୁଗୁଡାରେ ଉପ-ନିର୍ବାଚନ ହେବ । ଏନେଇ ଗତ ମାର୍ଚ୍ଚ ୨୯ ତାରିଖରେ ନିର୍ବାଚନ ଆୟୋଗ ଘୋଷଣା କରିଥିଲେ । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଆଜି ଠାରୁ ପ୍ରାର୍ଥୀ ମାନେ ନାମାଂକନ ପତ୍ର ଦାଖଲ କରି ପାରିବେ । ଅପ୍ରେଲ ୨୦ ତାରିଖ (ଗୁରୁବାର) ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ, ଅପ୍ରେଲ ୨୧ ତାରିଖ (ଶୁକ୍ରବାର) ନାମାଙ୍କନ ପତ୍ର ଯାଂଚ, ଅପ୍ରେଲ ୨୪ ତାରିଖ (ସୋମବାର) ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ, ମଇ ୧୦ ତାରିଖ (ବୁଧବାର) ମତଦାନ ଦିବସ, ମଇ ୧୩ ତାରିଖ (ଶନିବାର) ଭୋଟ ଗଣତି ଓ ମଇ ୧୫ ତାରିଖ ଦିନ ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ ।ଉଲ୍ଲେଖନୀୟ ଯେ ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ପଡିଛି । ଉପନିର୍ବାଚନ ପାଇଁ ବିଜେଡି ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି ତରୁଣ ପାଣ୍ଡେ । ଅନ୍ୟପକ୍ଷରେ ବିଜେପି ପକ୍ଷରୁ ଟଙ୍କଧର ତ୍ରିପାଠୀଙ୍କୁ ପାର୍ଥୀ ଘୋଷଣା କରାଯାଇଛି । ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୨୨୧୦୭୦ । ସେଥି ମଧ୍ୟରୁ ୧୧୦୩୨୦ ଜଣ ପୁରୁଷ ଓ ୧୧୦୬୮୭ ଜଣ ମହିଳା ଓ ୬୩ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି । ୨୫୨୬ ଜଣ ଦିବ୍ୟାଙ୍ଗ ଭୋଟର ଅଛନ୍ତି ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ୪୦୭୪ ଜଣ ବରିଷ୍ଠ ଭୋଟର ଅଛନ୍ତି । ନିର୍ବାଚନୀ ମଣ୍ଡଳୀରେ ୨୦୬ ଗୋଟି ସ୍ଥାନରେ ସମୁଦାୟ ୨୫୩ ଗୋଟି ଭୋଟଗ୍ରହଣ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି ।

# ବିରୋଧୀଙ୍କୁ ଏକାଠି କରିବାକୁ ପ୍ରୟାସ: ଖଡଗେ ଓ ରାହୁଲ ଗାନ୍ଧିଙ୍କୁ ଭେଟିଲେ ଶରଦ ପାୱାର



ଭୁବନେଶ୍ୱର, ୧୩।୪(ପି.ଏନ): ବିଜେପି ବିରୋଧରେ ଏକାଠି ହେବାକୁ ବିରୋଧୀ କ୍ୟାମ୍ପରେ ହଲଚ଼ଲ ତୀବ୍ର ହୋଇଛି। ୨୦୨୪ ସାଧାରଣ ନିର୍ବାଚ଼ନରେ ବିଜେପିକୁ କେମିତି ଚେକ୍ ? ଦିଅଯାଇ ପାରିବ, ସେଥିପାଇଁ ବିରୋଧୀ ଦଳଗୁଡିକ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଦିନକ ତଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମାନ ଲକ୍ଷ୍ୟ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲ ଗାନ୍ଧିଙ୍କୁ ଭେଟିଥିଲେ ।ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମଧ ସାକ୍ଷାତ କରିଥିଲେ। ଏହାକୁ ନେଇ ଚ଼ର୍ଚ୍ଚା ଲାଗି ରହିଥିବା ବେଳେ ଆଜି ଏନସିପି ସୁପ୍ରିମୋ ଶରଦ ପାୱାର ଦିଲ୍ଲୀ ଆସି ଖଡଗେ ଓ ରାହୁଲ ଗାନ୍ଧିଙ୍କୁ ଭେଟିଛନ୍ତି ।ଆଦାନି ପ୍ରସଙ୍ଗରେ ବିରୋଧୀଙ୍କ ଠାରୁ ଭିନ୍ନ ମତ ରଖିବା ପରେ ଶରଦ ପ୍ରଥମଥର ପାଇଁ ରାହୁଲ ଗାନ୍ଧିଙ୍କୁ ଭେଟିଛନ୍ତି। କଂଗ୍ରେସ ସମେତ ଅଧିକାଂଶ ବିରୋଧୀ ଦଳ ଆଦାନି ପ୍ରସଙ୍ଗରେ ଜେପିସି ତଦନ୍ତ ଦାବି କରୁଛନ୍ତି। ହେଲେ ଶରଦ ପାୱାର ନିକଟରେ କହିଥିଲେ ଯେ ଜେପିସି ତଦନ୍ତର କିଛି ମୂଲ୍ୟ ନାହିଁ। ଏହାକୁ ନେଇ ବିରୋଧୀ କ୍ୟାମ୍ପରେ କମ୍ପନ ଦେଖିବାକୁ ମିଳିଥିଲା। ଏସବୁ ଭିତରେ ବିଜେପି ବିରୋଧରେ ମେଳି କରିବାକୁ ଶରଦ ପାୱାର ଆଜି ରାହୁଲ ଗାନ୍ଧି ଓ ଖଡଗେଙ୍କୁ ଭେଟିଛନ୍ତି।

# ମନ୍ତ୍ରୀଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ: ମାମଲା ରୁଜୁ କରିପାରୁନି ପୁଲିସ



ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ ଆଣି ଶାସକ ବିଜେଡିର ଜଣେ ନେତ୍ରୀ ଆଜି ଦିନତମାମ ଭୁବନେଶ୍ୱରସ୍ଥିତ ମହିଳା ଥାନାରେ ଜିଦ୍ ଧରି ବସିଥିବା ସୂଚ଼ନା ମିଳିଛି । ପୁଲିସ ତାଙ୍କର ଡାକ୍ତରୀ ମାଇନା କରିଥିବା ସତ୍ତ୍ୱେ ବିଳମ୍ବିତ ରାତ୍ରି (ଖବର ଲେଖାହେବା ପର୍ଯ୍ୟନ୍ତ) ତାଙ୍କର ଏଫଆଇଆର ରୁଜୁ କରିନଥିବା ଜଣାପଡିଛି ।ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ଗଞ୍ଜାମରୁ ପ୍ରତିନିଧିତ୍ୱ କରୁଥିବା ମନ୍ତ୍ରୀ ଶ୍ରୀ ସାହୁଙ୍କ ବିରୁଦ୍ଧରେ ଗତ ଦୁଇମାସ ତଳେ ଶାସକ ଦଳର ସମ୍ପୃକ୍ତ ନେତ୍ରୀ ମହିଳା ଥାନାରେ ମାମଲା ରୁଜୁ ପାଇଁ ଆସିଥିଲେ ମଧ ଶାସକ ଦଳର କିଛି ନେତ୍ରୀ ଓ ଜଣେ ପ୍ରଭାବଶାଳୀ ନେତାଙ୍କ ହସ୍ତକ୍ଷେପରେ ମାମଲା ରୁଜୁ ନକରି ସେ ଘରକୁ ଫେରିଥିଲେ ।ତାଙ୍କୁ ନ୍ୟାୟ ମିଳିବ ବୋଲି ବିଜେଡି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଦୁଇମାସ ବିତିଯାଇଥିଲେ ବି ତାଙ୍କ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସେ ଆଜି ପୁଣିଥରେ ମହିଳା ଥାନାକୁ ଆସି ମନ୍ତ୍ରୀଙ୍କ ବିରୁଦ୍ଧରେ ମାମଲା ରୁଜୁ ପାଇଁ ଜିଦ୍ ଧରି ବସିଥିଲେ । ସେ ନିଜର ଦୁଇ ଝିଅ ଓ ଜଣେ ସହଯୋଗୀଙ୍କ ସହ ଥାନାକୁ ଆସିଥିବା ସୂଚ଼ନା ମିଳିଛି।

## ଲୋକନାଥଙ୍କ ହୁଣ୍ଡିରୁ ମିଳିଲା ୪,୦୨,୬୫୬ ଟଙ୍କା


ପୁରୀ, ୧୩।୪(ପି.ଏନ): ବାବା ଲୋକନାଥ ଙ୍କ ହୁଣ୍ଡିରୁ ମିଳିଛି ୪,୦୨,୬୫୬ ଟଙ୍କା। ଗତ ତା ୨୨.୧୦.୨୦୨୨ ରିଖରେ ଶେଷ ଥର ପାଇଁ ହୁଣ୍ଡି ଖୋଲା ଯାଇଥିଲା ।ଏହା ମଧ୍ୟରେ ବାବା ଲୋକନାଥଙ୍କ ମହାଶିବରାତ୍ରି ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ପରାମର୍ଶ କ୍ରମେ ଆଜି ମାଜିଷ୍ଟ୍ରେଟ ଓ ପୋଲିସଙ୍କ ଉପସ୍ଥିତ ରେ ହୁଣ୍ଡି ଖୋଲାଯାଇଥିଲା ।

# ୩ ମାସ ପରେ ବି ମିଳିଲାନି ଧାନ ବିକ୍ରୀ ଟଙ୍କା, ଚାଷୀଙ୍କ ରାସ୍ତାରୋକ

ଭଦ୍ରକ, ୧୩.୪.୪(ପି.ଏନ.) ଧାନ ବିକ୍ରୀ ଟଙ୍କା ନମିଳିବାରୁ ଧାମରା-ଜାମୁଝାଡ଼ି ରାସ୍ତାର ଚାନ୍ଦିମାଳ ଛକରେ ରାସ୍ତାରୋକ କରିଛନ୍ତି ଚାଷୀ । ଫଳରେ ଦୀର୍ଘ ସମୟ ଧରି ସମ୍ପୃକ୍ତ ରୁଟ୍ ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଛି ଶତାଧିକ ଗାଡି ମୋଟର। ଗଦି ସେବା ସମବାୟ ସମିତିରେ ଧାନ ବିକ୍ରୀ କରିବାର ୩ ମାସ ପରେ ମଧ ଚାଷୀଙ୍କୁ ଏ ବାବଦ ଟଙ୍କା ମିଳିନଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ଚାଷୀ ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଖବର ପାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ଟିମ୍ ପଠାଇ ୭ ଦିନ ମଧରେ ସେମାନଙ୍କ ପ୍ରାପ୍ୟ ପାଇବାର ବ୍ୟବସ୍ଥା କରିବେ ବୋଲି ସୂଚନା ମିଳିଛି ।

# ନିର୍ବାଚ଼ନ ପୂର୍ବରୁ ଜବତ ହେଲା ନଗଦ କୋଟିଏ ଟଙ୍କା

ନୂଆଦିଲ୍ଲୀ, ୧୩।୪(ପି.ଏନ): ମେ' ୧୦ରେ ଭୋଟ ଦେବାକୁ ଯାଉଥିବା କର୍ଣ୍ଣାଟକାରୁ ଏବେ ନୋଟ ଜବତ ହେବା ଆରମ୍ଭ ହୋଇ ଯାଇଛି। ଆଜି ବେଙ୍ଗାଲୁରୁ ପୁଲିସ୍ ୨ ଜଣ ବ୍ୟକ୍ତିଙ୍କ ଠାରୁ ନଗଦ ୧ କୋଟି ଟଙ୍କା ଜବତ କରିଛି। ଦୁଇ ଜଣ ଯାକ ଏତେ ଟଙ୍କା କେଉଁଠୁ ଆଣିଲେ ଓ କୁଆଡ ନେଉଥିଲେ, ସେକଥା ଜଣାପଡିଛି।



ସିଟି ମାର୍କେଟ ନିକଟରେ ଗୋଟିଏ ଅଟୋ ମଧ୍ୟରୁ ଏତେ ପରିମାଣର ନଗଦ ଟଙ୍କା ଜବତ ହେବା ସମସ୍ତଙ୍କୁ ଚ଼କିତ କରିଛି ।ମିଳିଥିବା ସୂଚ଼ନା ଅନୁସାରେ, ସୁରେଶ ଓ ପ୍ରବୀଣ ଅଟୋରେ ନଗଦ ୧ କୋଟି ଟଙ୍କା ନେଇ ଯାଉଥିଲେ ମଧ କାହାକୁ ଏ ସମ୍ପର୍କରେ କିଛି ବି ସୂଚ଼ନା ମିଳି ନଥିଲା। ତେବେ ସିଟି ମାର୍କେଟ ନିକଟରେ ହଠାତ୍ ସେମାନଙ୍କ ଅଟୋ ଖରାପ ହୋଇଯାଇଥିଲା। ରାସ୍ତା ଉପରେ ଗାଡି ଖରାପ ହୋଇଥିବାରୁ ଜଣେ ଟ୍ରାଫିକ ପୁଲିସ୍ ସେଠାରେ ପହଞ୍ଚି କ'ଣ ହୋଇଛି ବୋଲି ପ୍ରଶ୍ନ କରିଥିଲେ।

# ଦୁର୍ବୃତଙ୍କ ଗୁଳିମାଡ଼ରେ ଛେଳି ବ୍ୟବସାୟୀ ମୃତ : ୯ ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗ

ସୁନ୍ଦରଗଡ଼, ୧୩।୪(ପି.ଏନ): ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସୁରୁଗୁଡ଼ାରେ ଛେଳି ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଆଜି ସକାଳେ ବ୍ୟବସାୟୀ ଜଣକ ନିଜର ଦୁଇ ସହଯୋଗୀଙ୍କ ସହିତ ଛେଳି କିଣିବାକୁ ବାଇକ୍ ଯୋଗେ ଯାଉଥିବା ବେଳେ ମୁଖାପିନ୍ଧା ତିନି ଦୁର୍ବୃତ ତାଙ୍କ ବାଇକ୍ କୁ ପିଛା କରିଥିଲେ । ଦୁର୍ବୃତ ମାନେ ତାଙ୍କ ଉପରକୁ ଅତର୍କିତ ଗୁଳି ମାଡ କରିବା ସହ ତାଙ୍କ ଠାରୁ ୯ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି।

# ଗାଁରେ ମିଳୁନି ପାନୀୟ ଜଳ: ନଦୀର ଦୂଷିତ ପାଣି ଏକମାତ୍ର ଭରସା !



ଭୁବନେଶ୍ୱର, ୧୩।୪(ପି.ଏନ): ଗାଁ ଲୋକଙ୍କୁ ସୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର କେତେ କ'ଣ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ତାହା ପ୍ରହସନରେ ପରିଣତ ହେଲା ପରି ଲାଗୁଛି। କାରଣ ଖଣି ଖାଦାନ ଭରା ସୁନ୍ଦରଗଡ ଜିଲ୍ଲା କୋଇଡା ଅଞ୍ଚଳରେ ଏମିତି କିଛି ଗାଁ ରହିଛି, ଯେଉଁଠି ପିଇବା ପାଇଁ ପାନୀୟ ଜଳ ମୁନ୍ଦାଏ ମିଳୁନି। ସେଥିପାଇଁ ଗାଁ ଲୋକଙ୍କୁ ନଦୀ ପାଣି ଉପରେ ନିର୍ଭର କରିବାକୁ ପଡୁଛି ।କୋଇଡା ବ୍ଲକ୍ ସଦର ମହକୁମାଠାରୁ ୮ କିମି ଗଲେ ପଡିଥାଏ ପୁଣ୍ଡୁପୋଖରୀ ଗାଁ। ଶହେରୁ ଅଧିକ ପରିବାର ଏହି ଗାଁରେ ବସବାସ କରନ୍ତି। ଜଙ୍ଗଲ ଭିତରେ ଗାଁଟି ଥିବାରୁ ଲୋକମାନେ ବର୍ଷ ବର୍ଷ ଧରି ଜଳକଷ୍ଟ ଭିତରେ ଜୀବନ ଅତିବାହିତ କରିଥାଆନ୍ତି। ବାରମ୍ବାର ଅଭିଯୋଗ ପରେ ସ୍ଥାନୀୟ ପ୍ରଶାସନ ଓ ଖଣି କମ୍ପାନୀ ଗୁଡିକ ଗାଁରେ ନଳକୂପ ଓ ବୋରୱେଲ ପ୍ରତିଷ୍ଠା କରିଥିଲେ। ହେଲେ ତାହା କାମରେ ଆସୁନାହିଁ ।ନଳକୂପ ଓ ବୋରୱେଲରୁ ନାଲି ଏବଂ ଦୁର୍ଗନ୍ଧ ପାଣି ବାହାରୁଥିବାରୁ ଗାଁ ଲୋକମାନେ ବ୍ୟବହାର କରୁନାହାନ୍ତି। ତେଣୁ ଗାଁ ଲୋକଙ୍କୁ ଟ୍ୟାଙ୍କର ପାଣି ଯୋଗାଇ ଦିଆଯାଉଥିଲା। ହେଲେ ତାହା ମଧ ବନ୍ଦ କରି ଦିଆଯାଇଛି। ଯାହାଫଳରେ ଲୋକମାନେ ପାଣି ମୁନ୍ଦାଏ ପାଇଁ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କିଛି ଉପାୟ ନପାଇ ଲୋକମାନେ ଗାଁ ପାଖ ଦେଇ ବୋହି ଯାଇଥିବା କାରୋ ନଦୀ ଉପରେ ନିର୍ଭର କରୁଛନ୍ତି। ରାତି ପାହିଲେ ପ୍ରତିଦିନ ଗାଁ ମହିଳାମାନେ ଧାଡି ହୋଇ ସଙ୍ଗବଦ୍ଧ ଭାବେ ନଦୀକୁ ପାଣି ଆଣିବା ପାଇଁ ଯାଉଛନ୍ତି। ପାଦେ ପାଦେ ଜଙ୍ଗଲ ଜନ୍ତୁଙ୍କ ଭୟ ଥିବା ସତ୍ତ୍ୱେ ଲୋକମାନେ ଜୀବନକୁ ବାଜି ଲଗାଇ ପାଣି ଆଣିବାକୁ ଯାଉଛନ୍ତି।










# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୃଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆର୍ଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଗୋଟିଏ ମୁର୍ମୁଙ୍କୁ ମୋହରା କରି କୋଟିଏ ଆଦିବାସୀଙ୍କୁ ପ୍ରତାରଣା



ଭୁବନେଶ୍ୱର (ପିଏନ୍)-ଦେଶରେ ଅନୁଷ୍ଠିତ ହେବାକୁ ଯାଉଥିବା ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଏନଡିଏର ପ୍ରାର୍ଥୀ ଭାବରେ ବରିଷ୍ଠ ବିଜେପି ନେତ୍ରୀ ତଥା ପୂର୍ବତନ ଝାଡ଼ଖଣ୍ଡ ରାଜ୍ୟପାଳ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯିବା ପରେ ମାଟି ଓ ପାର୍ଟିକୁ ନେଇ ଯେଉଁ ରାଜନୀତି ଉଭୟ ବିଜେପି ଓ ବିଜେଡ଼ି ଆରମ୍ଭ କରିଛନ୍ତି, ତାକୁ କଂଗ୍ରେସ ନାପସନ୍ଦ କରିବା ସହିତ ସରଳ ଆଦିବାସୀଙ୍କୁ ଭାବାବେଗ ସହିତ ନ ଖେଳି ତାଙ୍କର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛି । ଆଜିର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଆବାହକ ସତ୍ୟପ୍ରକାଶ ନାୟକ ଉଭୟ ବିଜେପି ଏବଂ ବିଜେଡ଼ିକୁ ଆଦିବାସୀ ସ୍ୱାର୍ଥବିରୋଧୀ ଦଳ ଭାବରେ ଅଭିହିତ କରିବା ସହିତ କଡ଼ା ସମାଲୋଚନା କରି କହିଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯିଏକି ରାଜ୍ୟରେ ଆଦିବାସୀଙ୍କର ବିକାଶ ପାଇଁ ଗଠିତ ହୋଇଥିବା ଟ୍ରାଇବ୍ ଆଡଭାଇଜରି କାଉନ୍‌ସିଲ ବା ଆଦିବାସୀ ଉପଦେଷ୍ଟା ସମିତିର ଅଧ୍ୟକ୍ଷ ଥାଇ ମଧ ବିଗତ ୪ ବର୍ଷ ଭିତରେ ଥରୁଟିଏ ହେଲେ ବୈଠକ ଡାକିନାହାନ୍ତି ବା ଡାକିବାକୁ ଉପଯୁକ୍ତ ଭାବିନାହାନ୍ତି । ରାଷ୍ଟ୍ରପତି ନିର୍ବାଚନ ଏକ ରାଜନୈତିକ ପ୍ରକ୍ରିୟା ଏବଂ ଚଳିତ ନିର୍ବାଚନରେ ବିଜେପିର ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡ଼ି ସମର୍ଥନ ଦେଉଛି । କିନ୍ତୁ ପାର୍ଟି ଓ ମାଟିର ନାରା ଦେଇ ରାଜ୍ୟର ଆଦିବାସୀଙ୍କ ସ୍ୱାର୍ଥରକ୍ଷାକୁ ଅଗ୍ରାଧିକାର ଦେବା ପରିବର୍ତ୍ତେ କଂଗ୍ରେସ ଉପରକୁ ଦୋଷ ଲଦିବା ଅତ୍ୟନ୍ତ ନିନ୍ଦନୀୟ । ପ୍ରାର୍ଥୀତ୍ୱକୁ ନେଇ କଂଗ୍ରେସକୁ ଅଯାଚିତ ଉପଦେଶ ଦେଉଥିବା ବିଜେପି ରାଜ୍ୟର ଏକକୋଟିରୁ ଊର୍ଦ୍ଧ୍ୱ ଆଦିବାସୀମାନଙ୍କର କଲ୍ୟାଣ ନିମନ୍ତେ ଟିଏସିର ବିନା ଅନୁମତିରେ କୋଟି କୋଟି ଟଙ୍କା ବେଆଇନ ଭାବରେ ଖର୍ଚ୍ଚ କରାଯିବାକୁ ନେଇ କାହିଁକି ପ୍ରଶ୍ନ ଉଠାଇନାହିଁ । ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ବିଜେପି ରାଜ୍ୟ ସଭାପତି ନବୀନବାବୁଙ୍କ ପାଖରେ ଟିଏସି ଗଠନ ଏବଂ ଏହାର ତୁରନ୍ତ ବୈଠକ ଡାକିବା ପାଇଁ ଦାବି ରଖିବ କି ? ମାଟିର ପୁଅ ହିସାବରେ ମିଳିତ ବିରୋଧିଦଳର ପ୍ରାର୍ଥୀ ଯଶୋବନ୍ତ ସିହ୍ନାଙ୍କୁ ବିହାର ବିଜେପି ସମର୍ଥନ ଦେବ କି ? ଓଡ଼ିଶାରେ ୨୦୧୯ ମସିହା ପରଠାରୁ ଟିଏସି ବା ଆଦିବାସୀ ଉପଦେଷ୍ଟା ସମିତି ଗଠନ କରାଯାଇନାହିଁ । ରାଜ୍ୟରେ ଏସ୍‌ଡିସି ବା ସ୍ପେଶାଲ ଡେଭଲପମେଂଟ କାଉନ୍‌ସିଲ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କାର୍ଯ୍ୟକରୁଥିବା ବେଳେ ଏହାର ଗଠନ ଏବଂ ପରିଚାଳନା ନେଇ ଟିଏସିର କୌଣସି ଅନୁମୋଦନ ନଥିବା ଅତ୍ୟନ୍ତ ପରିତାପର ବିଷୟ। ବିଗତ ୨୨ ବର୍ଷ ଭିତରେ ଓଡ଼ିଶାରେ ୪୪ଥର ଟିଏସିର ବୈଠକ ବସିବା କଥା; ମାତ୍ର ୧୭ ଥର ବୈଠକ ଅନୁଷ୍ଠିତ ହୋଇଛି। ଅର୍ଥାତ ୨୭ଟି ବୈଠକ ଏପର୍ଯ୍ୟନ୍ତ ବସିନାହିଁ। ରାଜ୍ୟରେ ଆଦିବାସୀଙ୍କ ସଂଖ୍ୟା ୨୨ ପ୍ରତିଶତ ଏବଂ ସର୍ବଭାରତୀୟ ସ୍ତରରେ ତୃତୀୟ ବୃହତମ ହୋଇଥିବା ବେଳେ ବିଗତ ଦୁଇବର୍ଷ ଧରି କେନ୍ଦ୍ର ମୋଦି ସରକାରଙ୍କ ଆଦିବାସୀମାନଙ୍କ ନିମନ୍ତେ ଆସୁଥିବା ସ୍ୱତନ୍ତ୍ର ଅନୁଦାନକୁ ବନ୍ଦ କରି ରଖାଯିବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରିଛି କଂଗ୍ରେସ। ମୋଦି ସରକାରଙ୍କ ଆଦିବାସୀମାରଣ ନୀତି ବିରୁଦ୍ଧରେ ରାଜ୍ୟ ବିଜେଡ଼ି ସ୍ୱରଉତୋଳନ କରିବା ସହିତ ବିଗତ ଦୁଇବର୍ଷ ଧରି ବନ୍ଦ ଥିବା ସ୍ୱତନ୍ତ୍ର ଅନୁଦାନ ପାଇଁ ମୋଦି ସରକାରଙ୍କ ପାଖରେ ଦାବି ରଖିବ କି ? କଳିଙ୍ଗ ନଗର ଆଦିବାସୀ ନରସଂହାର ଘଟଣା ସମୟରେ ବିଜେପି-ବିଜେଡ଼ି ଗଠବନ୍ଧନ ସରକାରରେ ମନ୍ତ୍ରୀ ଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବିଧାନସଭାରେ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରି ନ ଥିଲେ କି ଏ ସଂପର୍କରେ ପାଟି ଖୋଲି ନ ଥିଲେ। ବାସ୍ତବରେ ପାର୍ଟିର ଦ୍ୱାହି ଦେଇ ମାଟିକୁ ମାରା କରିଛନ୍ତି ଉଭୟ କ୍ଷମତାରେ ଥିବା ବିଜେପି ଓ ବିଜେଡ଼ି। ଓଡ଼ିଶାରେ ଜନସଂଖ୍ୟାର ୨୨ ପ୍ରତିଶତ ଆଦିବାସୀ ବିଗତ ୨୨ ବର୍ଷଧରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଭଳି ଅନେକ କ୍ଷେତ୍ରରେ ପଛୁଆ ହୋଇ ରହିଛନ୍ତି। ଖୋଦ ଦ୍ରୌପଦୀ ମୁର୍ମୁଙ୍କ ଗାଁକୁ ୨୨ ବର୍ଷଧରି ବିଜୁଳି ସଂଯୋଗ ନଥିବା ପ୍ରମାଣିତ କରୁଛି ଯେ ଉଭୟ ବିଜେପି ଓ ବିଜେଡ଼ି ଆଦିବାସୀଙ୍କ ସ୍ୱାର୍ଥକୁ ନେଇ କେତେ ଗମ୍ଭୀର ! ନିକଟରେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଆଦିବାସୀ ଶୋଷଣ କାର୍ଯ୍ୟ ବିରୋଧରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଉପସ୍ଥିତ ହେବାପାଇଁ ସମନ ଏବଂ ତାକୁ ନେଇ ରାଜ୍ୟ ସରକାର କୋର୍ଟଙ୍କ ଦ୍ୱାରସ୍ଥ ହେବା ଆଦିବାସୀ ଶୋଷଣର ଆଉ ଏକ ନମୁନା। ଆଦିବାସୀଙ୍କ ନ୍ୟାଯ୍ୟ ଦାବି ଓ ଅଧିକାର ପାଇଁ ପ୍ରଦେଶ କଂଗ୍ରେସ ସବୁବେଳେ ଲଢ଼େଇ ପାଇଁ ପ୍ରସ୍ତୁତ ରହିଛି ଏବଂ ଏ କ୍ଷେତ୍ରରେ ହୀନ ରାଜନୀତିକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ମନୋରଂଜନ ଦାଶ, ପ୍ରଶାନ୍ତ ଶତପଥି, ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।


## ପିସିସି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପିସିସି ପକ୍ଷରୁ ପାଳିତ ହୋଇଯାଇଛି । ସକାଳେ ଭୁବନେଶ୍ୱର ଗୋପବନ୍ଧୁ ଛକସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ପିସିସି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଗତକାଲିର ଏହି କାର୍ଯ୍ୟକ୍ରମରେ ନିରଂଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଂଜନ ଦାଶ, ଅମିୟ ପଟ୍ଟନାୟକ, ଚିନ୍ମୟ



ସୁନ୍ଦର ଦାସ, ଜୟକୃଷ୍ଣ ସୁବୁଦ୍ଧି, ସଂକୁନା କହଁର, ମିହିର ଆଚାର୍ଯ୍ୟ, ସଂଜୟ ମିଶ୍ର, ଜ୍ୟୋତିଷ ସାହୁ, ଦେବେନ୍ଦ୍ର ପ୍ରସାଦ ଦାସ, ଭାସ୍କର ଚନ୍ଦ୍ର ସେଠୀ, ଆଲୋକ ମହାନ୍ତି, କୁଳମଣି ସାହୁ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ।

## ପ୍ରଖ୍ୟାତ ଅବଧୂତ ଗୁରୁ ରଘୁବାବାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ଅକ୍ଷୟ ବଟ ମହାପୁରୁଷଙ୍କ ପୀଠସ୍ଥଳିରେ କେନ୍ଦ୍ରାପଡା ମାଟିର ଜଣେ ପ୍ରତିଷ୍ଠିତ ମହାଜ୍ଞାନୀ ଅବଧୂତ ବ୍ରହ୍ମଲୀନ ସନ୍ଥ ରଘୁବାବାଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ଗୋପବନ୍ଧୁ ରାଉତଙ୍କ ପ୍ରଚେଷ୍ଟାରେ ଗ୍ରାମ ଏବଂ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ସହଯୋଗରେ ଶିଳ୍ପୀ ଶ୍ରୀଧର ରାଉତଙ୍କ ଦ୍ୱାରା ଏହି ପ୍ରତିମୂର୍ତ୍ତି ନିର୍ମିତ ହୋଇଛି। ଗରାପୁର ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଏହି ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଆନନ୍ଦମାର୍ଗର ଅବଧୂତ ସନ୍ଥ ବିକଶା ନନ୍ଦଙ୍କ ସହିତ ବ୍ରହ୍ମଚାରୀ ନୃସିଂହ ଦାସ ଏବଂ ଯଜ୍ଞାଚାର୍ଯ୍ୟ ପଣ୍ଡିତ ଗଗନ କୁମାର ଆଚାର୍ଯ୍ୟ ପୂଜାପାଠରେ ସହଯୋଗ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ଗ୍ରାମବାସୀ ଓ ସେହି ଅଞ୍ଚଳର ଭକ୍ତ ବଳରାମ ରାଉତ, ବିଷ୍ଣୁ ସ୍ୱାଇଁ, ବିଷ୍ଣୁ ଯେନା, ପ୍ରକାଶ ପ୍ରଧାନ, ସାବିତ୍ରୀ ପରିଡା, ଅମ୍ବିକା ବେହେରା, ଚିତ୍ରସେନ ପାଳ, ଶତ୍ରୁଘନ ବିଶ୍ୱାଳ, ବୈକୁଣ୍ଠ ପ୍ରଧାନ, ରମେଶ ପ୍ରଧାନ, ନିତ୍ୟାନନ୍ଦ ରାଉତ, ଅକ୍ଷୟ ରାଉତ, ନିରଞ୍ଜନ ପ୍ରଧାନ, କାର୍ତ୍ତିକ ପ୍ରଧାନ, କୈଳାସ ପ୍ରଧାନ, ଗଗନ ସିଂ, ସଞ୍ଜୟ ବାରିକ, ଶ୍ୟାମସୁନ୍ଦର ପ୍ରଧାନ, ମୁଣି, ସାଣ୍ଟା, ମହେନ୍ଦ୍ର ପ୍ରମୁଖ ଭକ୍ତମାନେ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

## ମନ୍ତ୍ରୀ ପ୍ରତାପ ଓ ଅତନୁଙ୍କୁ ଶୁଭେଚ୍ଛା ଜଣାଇଲେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ



କେନ୍ଦ୍ରାପଡ଼ା (ପିଏନ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଂଚମ ପାଳିର ସଂପ୍ରସାରିତ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚି ନାୟକଙ୍କୁ କେନ୍ଦ୍ରାପଡାର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ କେନ୍ଦ୍ରାପଡା ଜିଲ୍ଲାର ଦୁଇ ବିଧାୟକଙ୍କୁ ତାଙ୍କ ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଭାବରେ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ମଧ ଶ୍ରୀ ପରିଡା କୃତଜ୍ଞତା ଜଣାଇଛନ୍ତି। ଏହାଦ୍ୱାରା କେନ୍ଦ୍ରାପଡା ଜିଲ୍ଲାର ଦ୍ରୁତ ବିକାଶ ସମ୍ଭବ ହୋଇ ପାରିବ ବୋଲି ଶ୍ରୀ ପରିଡା କହିଛନ୍ତି।

# ଉତ୍କଳମଣି ଗୋପବନ୍ଧୁଙ୍କ ସେବା ଓ ତ୍ୟାଗର ତୁଳନା ନାହିଁ



ରାଉରକେଲା (ପିଏନ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ଓଡିଶା ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ତାଙ୍କର ନୀତି ଓ ଆଦର୍ଶ ତଥା କାର୍ଯ୍ୟକ୍ରମ ଯୁଗ ଯୁଗ ପାଇଁ ଓଡିଆ ଜାତିକୁ ଅନୁପ୍ରେରିତ କରିବ ବୋଲି ଗତକାଲି ତାଙ୍କ ୯୪ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଂଜଳି ଜ୍ଞାପନ କାର୍ଯ୍ୟକ୍ରମରେ କୁହାଯାଇଛି । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗୋପବନ୍ଧୁପାଲ୍ଲୀଠାରେ ଅବସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିବା ବେଳେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଜିଲ୍ଲା କଂଗ୍ରେସ ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ ଓ ସବୀର ହୁସେନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ ପ୍ରମୁଖ ବକ୍ତବ୍ୟ ରଖି ପଣ୍ଡିତଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ କର୍ମୀମାନେ ନିଜ ନିଜକୁ ସମାଜର ଅବହେଳିତ, ନିଷ୍ପେଷିତ ବର୍ଗଙ୍କ ସେବାରେ ନିୟୋଜିତ କରିଲେ ତାହା ପଣ୍ଡିତଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି କଳ୍ପତରୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଇନଟକ ଅଧ୍ୟକ୍ଷ ନିହାର ଦାସ, ମୁଖପାତ୍ର କୈଳାସ ସାହୁ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସୁଧୀର ନାଥ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା, ଭାସ୍କର ଖିଲ୍ଲାର ଓ ରୁକସାନା ବେଗମ, ମହିଳା କଂଗ୍ରେସର ନିର୍ମଳା ମହାପାତ୍ର, ସେବାଦଳର ବୁଲୁ ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ବରିଷ୍ଠ ନେତା ବିପିନ ଠାକୁର, ଡେଭିଡ ପ୍ରଧାନ, ଯୁବନେତା ଶେକ ସମିର, ଆଇତା ବାହାଦୁର, ପପୁ ଖାନ, ମୋତିଲାଲ ସାହୁ, ରେହେମାନ ଖାନ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିବା ବେଳେ ଛେଣ୍ଡ କଲୋନୀଠାରେ ୭ ନମ୍ବର ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟଙ୍କ ନେତୃତ୍ୱରେ କଂଗ୍ରେସ ମୁଖପାତ୍ର ଗିରିଜାଶଙ୍କର ମିଶ୍ର, କଂଗ୍ରେସ ନେତା ବସନ୍ତ ସାମଲ, ବନଲତା ବେହେରା, ଧର୍ମେନ୍ଦ୍ର ପରମାର, ଏମ୍‌ଡି ନିଜାମ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ବହୁଚର୍ଚ୍ଚିତ ବାବୁଲି ମହାରଣାଙ୍କୁ ହତ୍ୟା ଉଦ୍ୟମର ମୁଖ୍ୟ ଅଭିଯୁକ୍ତ ଗିରଫ



କେନ୍ଦ୍ରାପଡ଼ା (ପିଏନ୍): ଗତ ୨୦୨୧ ମସିହାରେ ବାବୁଲି ମହାରଣାଙ୍କୁ ହତ୍ୟା ଉଦ୍ୟମ ଘଟଣାର ୨ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ରାମନଗରପାଟଣାସ୍ଥିତ ଶ୍ରୀରାମ ଟ୍ରାକ୍ଟର ସୋରୁମର ମାଲିକ ବିବେକାନନ୍ଦ ମହାରଣାଙ୍କୁ ତାଙ୍କ ସୋରୁମରେ ୨୦୨୧ ମସିହା ଜୁଲାଇ ମାସ ୧୪ ତାରିଖରେ ଗୁଳି ମାରି ହତ୍ୟା ଉଦ୍ୟମ କରାଯାଇଥିଲା। ପୂର୍ବରୁ ମଧ ତାଙ୍କ ଉପରେ ଆକ୍ରମଣ କରାଯାଇଥିବାରୁ ପୋଲିସ ପକ୍ଷରୁ ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଏହି ଘଟଣାକୁ ନେଇ ବିବେକାନନ୍ଦଙ୍କ ସୁରକ୍ଷା କର୍ମୀ ମାନସରଞ୍ଜନ ମହାନ୍ତି ଦୁର୍ବୃତଙ୍କ ନାମରେ କେନ୍ଦ୍ରାପଡା ସଦର ଥାନାରେ ଲିଖିତ ଏତଲା ଦେଇଥିଲେ । ଏଥିନେଇ ଥାନା ପକ୍ଷରୁ ୩୧୯୫/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ଗୁଳିମାଡ ଘଟଣାରେ ମୋଟ ୯ଜଣ ଅଭିଯୁକ୍ତ ସଂପୃକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ପୂର୍ବରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୪ଜଣ ଅଭିଯୁକ୍ତ ଦୀର୍ଘଦିନ ଧରି ଫେରାର ଥିଲେ । ସେମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ଟାଉନ ଥାନା ଅନ୍ତର୍ଗତ ଜୟୀପୁରା ଗ୍ରାମର ସେକ ମହତାବ ଓ ତାଜୁଉଦ୍ଦିନ ଖାନ ଘରେ ଥିବାର କୌଣସି ସୁତ୍ରରୁ ପୋଲିସ ଖବର ପାଇଥିଲା। ସଦର ଥାନା ଅଧିକାରୀ ପବିତ୍ର କୁମାର ମହାରଣାଙ୍କ ନିର୍ଦ୍ଦେଶରେ ସଦର ଥାନା ପୋଲିସ ଅଭିଯୁକ୍ତଙ୍କ ଘରେ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲେ । ଏହି ୨ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଅଭିଯୁକ୍ତ ଦ୍ୱୟଙ୍କ ନାମରେ ଜିଲ୍ଲା ଏବଂ ଜିଲ୍ଲା ବାହାରର ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ପୋଲିସଠାରୁ ସୂଚନା ମିଳିଛି। କୋର୍ଟରେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ଉପକାରାଗାରାକୁ ପଠାଇଦିଆଯାଇଥିବା ଜଣାପଡିଛି। କିନ୍ତୁ ଏହି ମାମଲାରେ ଅନ୍ୟ ୨ଜଣ ଅଭିଯୁକ୍ତ ଏବେ ମଧ ଫେରାର ଥିବା ଜଣାପଡିଛି ।

## ଜାରକାରେ ବିଶ୍ୱ ଯୋଗ ଦିବସ ପାଳିତ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ପତଂଜଳି ଯୋଗ ସମିତି ଧର୍ମଶାଳା ଶାଖା, ଇନର ହୁଇଲ କ୍ଲବ ଓ ରୋଟାରୀ କ୍ଲବର ମିଳିତ ଆନୁକୁଲ୍ୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ସକାଳ ୭ ଘଟିକା ସମୟରେ ଜାରକା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଯୋଗ ଶିବିରରେ ଇନର ହୁଇଲ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁ ପୌରୋହିତ୍ୟ କରିଥିଲେ । ଏହି ଶିବିରକୁ କଟକ ଡିଏସପି ଅମିତାଭ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ପ୍ରତ୍ୟେହ ୧ ଘଂଟା ଯୋଗାଭ୍ୟାସ କଲେ ଜୀବନ ନିରୋଗ ମଣିଷ ନିରୋଗ ରହିପାରିବ ବୋଲି ସେ କହିଥିଲେ । ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧିର କୁମାର ସାହୁ, ନେହେରୁ ଯୋଗକେନ୍ଦ୍ରର ସଂଯୋଜକ ବାସୁଦେବ ଦେଓ ଦାସ, ପତଂଜଳି ଯୋଗ ସମିତିର ସଂଯୋଜକ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ରୋଟାରୀ କ୍ଲବ ସଭାପତି ନିରଂଜନ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଯୋଗ ଶିକ୍ଷକ ପ୍ରମୋଦ ମଲିକ ବିଭିନ୍ନ ଯୋଗ କପାଳ ଭାରତୀ, କୁମ୍ଭିକା, ଅଗ୍ନିସାର, ଅନୁଲୋମ, ବିଲୋମ ଆଦି ଯୋଗାଭ୍ୟାସ କରିଥିଲେ । ଉପସ୍ଥିତ ଶିବିରାର୍ଥୀମାନେ ଏହାକୁ ଅନୁକରଣ କରି ଯୋଗାଭ୍ୟାସ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଇନରହୁଇଲ ସଭାପତି ମାଧୁରୀ ଶତପଥୀ, ଆଜାମ୍ବର ସାହୁ, ଜୟପ୍ରକାଶ ତ୍ରିପାଠୀ, ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ସୁରେନ୍ଦ୍ର ପାଣି, ଲୋପାମୁଦ୍ରା ଷଣ୍ଢ, ପ୍ରଭାତି ବିଶ୍ୱାଳ, ସୁକାନ୍ତ ସ୍ୱାଇଁ ଓ ଚନ୍ଦନ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ଶିବିରରେ ଶତାଧିକ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ ।

## କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ୭ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

କେନ୍ଦ୍ରାପଡ଼ା (ପିଏନ୍): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଭାଗବତ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପରିଚାଳନା ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଗତ ମାସ ୬ ତାରିଖରେ ବ୍ୟାଙ୍କର ୧୫ଟି ଜୋନର ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ସମ୍ପୂର୍ଣ୍ଣ ହୋଇଥିଲା। ପ୍ରାର୍ଥୀପତ୍ର ଯାଞ୍ଚ ପରେ ସ୍ୱର୍ଗତଃ ମହାନ୍ତିଙ୍କ ସୁପୁତ୍ର ଗୁରୁ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ମନୋନୟନ ପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧ନମ୍ବର ଜୋନ୍‌ରେ ରଶ୍ମିରଞ୍ଜନ ଚୌଧୁରୀ, ୨ରେ ଶ୍ରୀକାନ୍ତ ନାୟକ, ୪ରେ ଡ଼ଃ ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, ୯ରେ ଡ଼ଃ ଅପର୍ଣ୍ଣା ମହାନ୍ତି, ୧୦ରେ ପ୍ରଫୁଲ୍ଲ କୁମାର ସାହୁ, ୧୧ରେ ବିଧୁ ଭୂଷଣ ମହାପାତ୍ର ଓ ୧୪ ନମ୍ବର ଜୋନରେ ମହେନ୍ଦ୍ର କୁମାର ପରିଡା ପ୍ରମୁଖ ୭ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବ୍ୟାଙ୍କ ପରିଚାଳନା ପରିଷଦର ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି । ଗୁରୁ ପ୍ରସାଦ ମହାନ୍ତି ଜଣେ ଅବସରପ୍ରାପ୍ତ ଉଚ୍ଚପଦସ୍ଥ ବ୍ୟାଙ୍କ ଅଧିକାରୀ ହୋଇଥିବାରୁ ତାଙ୍କ ନେତୃତ୍ୱରେ ବ୍ୟାଙ୍କର ସୁପରିଚାଳନା ସଠିକ ଓ ନିଷ୍ଠାପର ଭାବରେ ହୋଇପାରିବ ବୋଲି ବୁଦ୍ଧିଜୀବୀ-ମାନେ ଆଶାବ୍ୟକ୍ତ କରିଛନ୍ତି।

## ମୀର ଅହମ୍ମଦ ଅଲ୍ଲୀ ହେଲେ ପ୍ରେରଣା ରାଜ୍ୟ ଯୁବସଂଯୋଜକ



ଭୁବନେଶ୍ୱର (ପିଏନ୍). : ସର୍ବଦା ସବୁଜ ସୁନ୍ଦର ପରିବେଶ ପାଇଁ କାମ କରୁଥିବା ‘ପ୍ରେରଣା’ ଅନୁଷ୍ଠାନ ତାର ରାଜ୍ୟ ଯୁବ ସଂଯୋଜକ ରୂପେ ଯୁବ ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀଙ୍କୁ ଦାୟିତ୍ୱ ପ୍ରଦାନ କରିଛି । ପରିବେଶ ଦିବସରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଅଲ୍ଲୀଙ୍କୁ ‘ପ୍ରେରଣା ଗ୍ରୀନ୍ କମାଣ୍ଡାଣ୍ଟ’ ରୂପେ ସମ୍ମାନିତ କରିବା ସହ ରାଜ୍ୟ ଯୁବ ସଂଯୋଜକ ରୂପେ ଘୋଷଣା କରିଥିଲେ ‘ପ୍ରେରଣା’ର ଅଧ୍ୟକ୍ଷ ତଥା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଦିଲ୍ଲୀପ ଶ୍ରୀଚନ୍ଦନ। ଶ୍ରୀଯୁକ୍ତ ଅଲ୍ଲୀ ଏହି ପ୍ରେରଣା ଅନୁଷ୍ଠାନ ସହ ଜଡ଼ିତ ହୋଇ ଦୀର୍ଘଦିନ କରିଥିବା କାର୍ଯ୍ୟକୁ ଶ୍ରୀଯୁକ୍ତ ଶ୍ରୀଚନ୍ଦନ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ‘ସମ୍ବାଦ’ର ସମ୍ପାଦକ ତଥା ଖଣ୍ଡପଡ଼ାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ ରାଜନେତା ତଥା ଜଟଣୀର ମାନ୍ୟବର ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ଶାସନ ସଚିବ ସହଦେବ ସାହୁ, ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସଂଯୋଜକ ରୂପେ ଦାୟିତ୍ୱ ଦେଇଥିବାରୁ ଶ୍ରୀଯୁକ୍ତ ଅଲ୍ଲୀ ପ୍ରେରଣାର ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ନିଜ କାମ ସୁଚାରୁରୂପେ କରିବେ ବୋଲି ଆଶାବାଦୀ ଅଛନ୍ତି। ପ୍ରତି ଜିଲ୍ଲା ଯୁବ ସଂଯୋଜକଙ୍କୁ ବାଛି ଜୁଲାଇ ୧ରୁ ୭ ତାରିଖ ପର୍ଯ୍ୟନ୍ତ ‘ବନ ସପ୍ତାହ’ରେ ସାରା ଓଡ଼ିଶାରେ ୧ ଲକ୍ଷ ବୃକ୍ଷରୋପଣ କରିବା ପାଇଁ ‘ପ୍ରେରଣା’ ପକ୍ଷରୁ ଯୋଜନା କରାଯାଇଅଛି। ଏହି ଅଭିଯାନରେ ସାମିଲ ହେବାପାଇଁ ଇଚ୍ଛୁକ ବ୍ୟକ୍ତି, ସଙ୍ଗଠନ, ସ୍ୱେଚ୍ଛାସେବୀ ପ୍ରମୁଖ ଶ୍ରୀଯୁକ୍ତ ଅଲ୍ଲୀଙ୍କୁ ୯୦୯୦୦୮୭୦୫୧ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।


## ବଳଦେବଜୀଉଙ୍କ ଆଶୀର୍ବାଦ ନେଲେ ମନ୍ତ୍ରୀ ଅତନୁ ଓ ପ୍ରତାପ



କେନ୍ଦ୍ରାପଡ଼ା (ପିଏନ୍): ନୂତନ ମନ୍ତ୍ରୀମଣ୍ଡଳ ଗଠନ ହେବା ପରେ ମନ୍ତ୍ରୀମାନେ ପୁରୀ ଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା କେନ୍ଦ୍ରାପଡ଼ା ଜିଲ୍ଲାର ୨ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ପ୍ରତାପ କେଶରୀ ଦେବ କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରକୁ ଯାଇ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଅପରାହ୍ନରେ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପରେ ବଳଦେବଜୀଉଙ୍କ ଦର୍ଶନ ପାଇଁ ମନ୍ଦିରକୁ ଯାଇଥିଲେ। ବାଟରେ ଉଭୟ ମନ୍ତ୍ରୀଙ୍କୁ ବିଜେଡି ନେତା ଓ କର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମନ୍ତ୍ରୀଦ୍ୱୟ ମନ୍ଦିରରେ ପ୍ରବେଶ କରିବା ପରେ ସେବାୟତମାନେ ସେମାନଙ୍କୁ ଶ୍ରୀଜୀଉଙ୍କ ଜଗମୋହନକୁ ନେଇ ପ୍ରଭୁଙ୍କ ଦର୍ଶନ କରାଇଥିଲେ। ମନ୍ତ୍ରୀଦ୍ୱୟ ମନ୍ଦିରର ବିକାଶ ସମ୍ପର୍କରେ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀଦ୍ୱୟଙ୍କ ସହ ଠାକୁରଙ୍କ ଦର୍ଶନ ପାଇଁ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ପ୍ରମୁଖ ମନ୍ଦିରକୁ ଯାଇଥିଲେ। ଏଥିସହିତ ସେମାନଙ୍କ ସହ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ନଗରପାଳ ସରିତା ସାହୁ, ଧୀରେନ ସାହୁ, ରୋସ୍ନା ସାହୁ, ବ୍ଲକ ଅଧ୍ୟକ୍ଷ ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ସଭ୍ୟ ରଶ୍ମିରଞ୍ଜନ ରାଉତ, କାଉନସିଲର କାଳୀପ୍ରସାଦ ମିଶ୍ର, ଉମେଶ ନାୟକ, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଦୁର୍ଗାଶିଷ ମହାନ୍ତି, ହିରଣ୍ୟ ପଣ୍ଡା, ସବିତା ସାହୁ, ପ୍ରକାଶ ପରିଡ଼ା, ସେକ ମତ୍ତୁ, ସେକ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

—ମହାସାଗର ବଞ୍ଚିଲେ ବଞ୍ଚିବ ଜୀବନ—

## ମହାସାଗରର ଜୈବ ବିବିଧତା ସୁରକ୍ଷା ପାଇଁ ନିବେଦନ କଲେ ପରିବେଶବିତ୍




ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଭଳି ଚଳିତବର୍ଷ ଜୁନ୍ ୮ରେ ପାଳିତ ହୋଇଛି ବିଶ୍ୱ ମହାସାଗର ଦିବସ। ଆମର ଦୈନନ୍ଦିନ ଜୀବନରେ ଏହାର ଭୂମିକାକୁ ସ୍ମରଣ କରିବା ପାଇଁ ଏଭଳି ଏକ ଦିବସ ପାଳନର ରହିଛି ପରିକଳ୍ପନା। ଏଥିନେଇ ରାଜଧାନୀ ଭୁବନେଶ୍ୱରର ପରିବେଶବିତ୍ ସୁଶାନ୍ତ ସାହୁ ବିଭିନ୍ନ ରଙ୍ଗର ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ମହାସାଗରର ଚିତ୍ର। ଚିତ୍ରଟିରେ ପ୍ଲାଷ୍ଟିକ ବର୍ଜ୍ୟ ଦ୍ୱାରା ମହାସାଗରର ଉଦ୍ଭିଦ ଓ ଜୀବ କିଭଳି ପ୍ରଭାବିତ ହେଉଛନ୍ତି ତାହା ସେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ବିଶ୍ୱ ବ୍ରହ୍ମାଣ୍ଡ ଲୋଡୁଥିବା ଅମ୍ଳଜାନ ମଧ୍ୟରୁ ୫୦ ପ୍ରତିଶତ ଅମ୍ଳଜାନ ଦେଇଥାଏ ମହାସାଗର। ପୁଣି ମଣିଷ ନିର୍ଗତ କରୁଥିବା ୩୦ ପ୍ରତିଶତ ଅଙ୍ଗାରକାମ୍ଳ ଶୋଷି ନେବାରେ ଏହାର ଅବଦାନ ଥାଏ। ମହାସାଗରକୁ ବିଶ୍ୱର ଜୈବବିବିଧତାର ଘର ବୋଲି କୁହାଯାଏ। ବିଶ୍ୱର ବିଲିୟନ ସଂଖ୍ୟକ ଲୋକଙ୍କ ପୁଷ୍ଟିର ଉତ୍ସ ପାଲଟିଥିବା ମହାସାଗର ୪୦ ମିଲିୟନ ଲୋକଙ୍କୁ ଜୀବିକା ମଧ ଦେଇଛି। ସଂସାର ଯାକର ଜଳବାୟୁକୁ ନିୟନ୍ତ୍ରିତ କରୁଥିବା ମହାସାଗର ଏବେ ନିଜେ ଭୟଙ୍କର ବିପଦ ଦେଇ ଗତି କରୁଛି ବୋଲି କହିଛନ୍ତି ପରିବେଶବିତ୍ ସୁଶାନ୍ତ ସାହୁ। ବିଶ୍ୱ ମହାସାଗର ଦିବସ ଅବସରରେ ନିଜ ପ୍ରତିକ୍ରିୟା ଦେଇ ସୁଶାନ୍ତ କହିଛନ୍ତି ଯେ, ମାତ୍ରାଧିକ ପ୍ଲାଷ୍ଟିକ୍ ବର୍ଜ୍ୟରେ ମହାସାଗରର ପରିବେଶ କ୍ଷତିଗ୍ରସ୍ତ ହୋଇଛି। ଟନ୍ ଟନ୍ ପ୍ଲାଷ୍ଟିକ ଭାସୁଥିବାରୁ ଜଳ, ଶୈବାଳ ଓ ଜଳଜ ପ୍ରାଣୀ ବିପଦରେ ପଡ଼ିଛନ୍ତି। ୯୦ ପ୍ରତିଶତ ବଡ଼ମାଛ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏସବୁକୁ ଦୃଷ୍ଟିରେ ଦେଖିଲେ ବ୍ରହ୍ମାଣ୍ଡର ୭୦ ପ୍ରତିଶତ ଅଞ୍ଚଳକୁ ଆଚ୍ଛାଦିତ କରିଥିବା ମହାସାଗରର ସୁରକ୍ଷା ଓ ସଂରକ୍ଷଣ ଜରୁରୀ ହୋଇପଡ଼ିଛି ବୋଲି କହିଛନ୍ତି ସୁଶାନ୍ତ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଅପ୍ରେଲ ୧୪

# ସ୍ୱାଧୀନତାର ସପ୍ତମ ଦଶକରେ ଭାରତର ଅଗ୍ରଗତି


ଚିତ୍ରାନନ୍ଦ ପ୍ରଧାନ

ଦୀର୍ଘ ଦ୍ୱିଶତାଧିକ ବର୍ଷ ବ୍ୟାପି ବ୍ରିଟିଶ ଶାସନରେ ନିପୀଡ଼ିତ ଭାରତବାସୀ ଯେଉଁଦିନ ସ୍ୱାଧୀନତାର ଆଦ୍ୟ ବାୟୁ ଆଘ୍ରାଣ କଲେ ସେହି ଦିନଟି ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ୧୫ ତାରିଖ । ସେହି ଦିବସଟି ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ । ଚାହିଁ ଚାହିଁ ବିତିଯାଇଛି ୭୫ ବର୍ଷ । ହାତମୁଠାରୁ ବାଲି ଝରିଲା ପରି ଗଡ଼ି ଯାଉଛି ସମୟ ତାର ନିର୍ଦ୍ଦିଷ୍ଟ ଗତିରେ । ପରାଧୀନ ଭାରତ ଏବେ ଅତୀତର ବିଷୟବସ୍ତୁ । ଆଶା ଆକାଂକ୍ଷା ଓ ସ୍ୱପ୍ନର ପାଖୁଡ଼ିରେ ଲେଖି ଚାଲିଛି ସ୍ୱାଧୀନ ଭାରତ । ୧୯୪୨ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସରେ ମହାତ୍ମା ଗାନ୍ଧି ଇଂରେଜ ସରକାର, 'ଭାରତ ଛାଡ଼' ବୋଲି ଡାକ ଦେଇ ଭାରତ ଛାଡ଼ ଆନ୍ଦୋଳନର ଗୌରବମୟ ବିପ୍ଳବ ଅଧ୍ୟାୟର କରିଥିଲେ । ବ୍ରିଟିଶ ସରକାରଙ୍କ ଶାସନରୁ ମୁକ୍ତି ପାଇବା ପାଇଁ ସେ ଦିନ ମଧ୍ୟ ରାତ୍ରି ୧୨ ଘଟିକା ସମୟରେ ୪୦ କୋଟି ଭାରତୀୟ ଜନତା ସମାବେଶ ହୋଇ ବିନା ରକ୍ତପାତରେ ପରାଧୀନତାର ନିଗଡ଼ ଛିନ୍ନ କରି ସ୍ୱାଧୀନତାର ପ୍ରଥମ ଆସ୍ୱାଦନ ପାଇବା ଉଦ୍ଦେଶ୍ୟରେ ଜାଗ୍ରତ ହୋଇଲେ । ତାହା ଥିଲା ଏକ ଅଭୁଲା ସ୍ମୃତି । ମହାନ ଜନନାୟକ ମହାତ୍ମା ଗାନ୍ଧି ଓ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସମେତ ଜନତାଙ୍କୁ ଉଦବୋଧନ ଦେଇ ସତ୍ୟ ଓ ଅହିଂସାର ବିଜୟ ହେବ ବୋଲି ଆଶ୍ୱାସନା ବାଣୀ ଶୁଣାଇଥିଲେ । ରାତ୍ରିର ଦଳନ ଅନ୍ଧକାରରେ ଯେତେବେଳେ ସାରା ବିଶ୍ୱ ସୁପ୍ତ, ସେତେବେଳେ ମୁକ୍ତି ଉନ୍ମୋଚିତ ଭାରତ ଜାଗ୍ରତ ଓ ଜୀବନୋନ୍ମୁଖୀ । ସତରେ ଏମିତି ଏକ ମୁହୂର୍ତ୍ତ ଆସେ, ଯାହା ଇତିହାସରେ ବିରଳ । ରାତ୍ରି ପାହିଆସୁଥିଲା । ଅନ୍ଧାର ପରଦା ଆଢ଼େଇ ଉଙ୍କି ମାରୁଥିଲା ଆଶାର ସୂର୍ଯ୍ୟ । ସ୍ୱାଧୀନତାର ପ୍ରଥମ ସକାଳ ତୋଫା ଆଲୁଅ ଉଦଭାସିତ ହୋଇଥାଏ । ଆକାଶରେ ବିଶ୍ୱାସର ଲୋହିତ ଛିଟା ଦୃଶ୍ୟମାନ ହୋଇଥାଏ । ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୫ ତାରିଖ ମୁକ୍ତ ଆକାଶରେ ଭାରତର ଅଗଣିତ ଜନତା ଶ୍ରଦ୍ଧା ଓ ସମ୍ମାନର ସହିତ ଭାରତର ତ୍ରିରଙ୍ଗା କେତନ ତ୍ରିରଙ୍ଗା ଜାତୀୟ ପତାକା ବାୟୁ ହିଲ୍ଲୋଳରେ ସଦର୍ପରେ ଉଡାଇଥିଲେ । ଭାରତ ଛାଡ଼ ଆନ୍ଦୋଳନର ଗୌରବମୟ ବିପ୍ଳବ ଗୌରବମୟ ବିଜୟରେ ବିଗୁଣ୍ଠିତ ହୋଇଥିଲା । ଏହି ସ୍ମରଣୀୟ ଦିବସକୁ ଜାତୀୟ ଦିବସ ଭାବରେ ପରିପାଳନ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୫ ତାରିଖରେ ଦେଶର ସବୁ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଶିକ୍ଷାନିକେତନ, ପାଠାଗାର ଓ ପୁରପଲ୍ଲୀରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥାଏ । ଜାତୀୟ କେତନ ଫରଫର ହୋଇ ଆକାଶରେ ଉଡୁଥାଏ ଏବଂ ଜାତୀୟ ସଙ୍ଗୀତ 'ଜନଗଣମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା....' ଗାନ କରାଯାଏ । ଜାତୀୟ ଉନ୍ମାଦନାରେ ଜନତାର ପ୍ରାଣ ଭରି ଉଠେ । ଦେଶ ଓ ଜାତିକୁ ସ୍ୱାଧୀନ କରିବା ପାଇଁ ଯେଉଁ ସ୍ୱଦେଶପ୍ରେମୀ ତ୍ୟାଗୀ ବୀରମାନେ ଶତ୍ରୁ ସହିତ ଯୁଦ୍ଧ କରି ଅକାଳରେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କର ପୁଣ୍ୟସ୍ମୃତି ପ୍ରତି ଆମ୍ଭେମାନେ ଏହି ଦିବସରେ ପୁଷ୍ପାଞ୍ଜଳୀ ଅର୍ପଣ କରିବା ସହିତ ସ୍ୱାଧୀନତାର ମୂଲ୍ୟବୋଧକୁ ହୃଦୟଙ୍ଗମ କରି ପ୍ରାଣେ ପ୍ରାଣେ ଉତ୍ଫୁଲ୍ଲିତ ହୋଇଥାଉ । ସ୍ୱାଧୀନତା ପରେ ମାନବ ପଥରେ କେତେ ମହାନ ଓ ପବିତ୍ର ତାହା ଆମ୍ଭମାନଙ୍କୁ ସ୍ୱାଧୀନତା ଦିବସ ସ୍ମରଣ କରାଇଦିଏ । ପ୍ରଥମ ସ୍ୱାଧୀନତା ଦିବସ ଭାରତୀୟ ଜନତାଙ୍କୁ ଉନ୍ମାଦନା ଓ ବିଜୟ ଆଣି ଦେଇଥିଲା ସତ, କିନ୍ତୁ ସ୍ୱାଧୀନତା ପାଇବା ସମୟରେ ଦେଶର ଅର୍ଥନୀତି ଏବେ ଦୁର୍ବଳ ଥିଲା ଯେ ଲୋକମାନେ ଦାରିଦ୍ର୍ୟ ଓ ନିସହାୟତାରେ ଭାଙ୍ଗି ପଡ଼ିଥିଲେ । ତଥାପି ପରାଧୀନତାର ତାଡ଼ନାରେ ଜର୍ଜରିତ ମନୁଷ୍ୟମାନେ ଧୈର୍ଯ୍ୟହରା ଓ ଦୁର୍ବଳମନା ହୋଇନଥିଲେ । ନିଜର ଅଷ୍ଟାକୁ ସଳଖ କରି ଦୃଢ଼ ଭାବରେ ଠିଆ ହୋଇଥିଲେ, ମୁକ୍ତିର ପରମ ଆହ୍ଲାଦରେ । ସେହିଦିନ ଠାରୁ ପଛକୁ ଚାହିଁ ନାହାନ୍ତି, ଆଗକୁ ଆଗକୁ ବଢ଼ି ଚାଲିଛନ୍ତି ଆଜିଯାଏ । ଚଲାପଥରେ କେତେଥର ଝୁଣ୍ଟି ପଡ଼ିଛନ୍ତି, ତଥାପି ଚାଲିବା ବନ୍ଦ କରିନାହାନ୍ତି । ସେହି ଆତ୍ମବିଶ୍ୱାସ, ଧୈର୍ଯ୍ୟ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଭାରତକୁ ସୁଦୃଢ଼ କରି ଠିଆ କରାଇ ପାରିଛନ୍ତି ଓ ପୃଥିବୀର ଅନ୍ୟାନ୍ୟ ଶକ୍ତିଶାଳୀ ଦେଶ ମାନଙ୍କ ସମକକ୍ଷ କରାଇପାରିଛନ୍ତି । ଆଜି ଭାରତ ବିଶ୍ୱର ଅନ୍ୟତମ ଅର୍ଥନୈତିକ ଶକ୍ତି ଓ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର । ଅତୀତରେ ପାଶ୍ଚାତ୍ୟ ଜଗତ, ଭାରତକୁ ଅନୁନ୍ନତ ଦେଶ ବୋଲି କହି ଉପହାସ କରୁଥିଲା । ଏବେ ଏ ଦେଶର ଶିକ୍ଷିତ ଯୁବକ ଯୁବତୀମାନେ ସେ ଦେଶକୁ ଯାଇ ସେଠାର କ୍ଷମତା ଅଳିନ୍ଦରେ ଗୁରୁତ୍ୱପୂର୍ଣ୍ଣ ଆସନ ଅକ୍ତିୟାର କରିପାରିଛନ୍ତି । ୧୯୪୭ରେ ଦେଶର ସାକ୍ଷରତା ହାର ଥିଲା ୧୮ ପ୍ରତିଶତ ଏବେ ଏହା ୭୬ ପ୍ରତିଶତ ହୋଇଅଛି । ଭାରତ ଏବେ ବିଶ୍ୱର ଅନ୍ୟତମ ବୃହତ୍ତମ ବଜାର । ସେଥିପାଇଁ ୟୁରୋପୀୟ ପୁଞ୍ଜିପତିମାନେ ଆମ ଦେଶରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ । କୃଷି କ୍ଷେତ୍ରରେ, ଚିକିତ୍ସା କ୍ଷେତ୍ରରେ ଭାରତ ସୁନାମ ଅର୍ଜନ କରିଛି । ଭାରତର ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ବିଶ୍ୱର ଅନ୍ୟତମ ବୃହତ ବ୍ୟବସ୍ଥା । ସ୍ୱାଧୀନତାର ସପ୍ତମ ଦଶକରେ ଭାରତ ଏସିଆର ତୃତୀୟ ବୃହତ୍ତମ ଶକ୍ତି ଉତ୍ପାଦନକାରୀ ଦେଶର ମର୍ଯ୍ୟାଦା ହାସଲ କରିଛି । ଭାରତର ସ୍ୱାଧୀନତା ଦେଶ ଓ ଜାତି ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ଏହା ଭାରତ ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ହୃଦୟଙ୍ଗମ ହେବା ଉଚିତ । ଜାତୀୟ ଏକତା ପ୍ରତିଷ୍ଠା କରି ସେବା, ତ୍ୟାଗ ଓ ବୀରତ୍ୱର ମନ୍ତ୍ରରେ ଦୀକ୍ଷିତ ହୋଇ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ରକ୍ଷା କରିବା ପାଇଁ ଆମ୍ଭେମାନେ ଦୃଢ଼ ସଂକଳ୍ପ ଗ୍ରହଣ କରିବା ଆବଶ୍ୟକ । ରାଷ୍ଟ୍ରୀୟ କେତନର ଗୌରବ ଓ ମର୍ଯ୍ୟାଦା ରକ୍ଷା କରିବା ପାଇଁ ଆମ୍ଭେମାନେ ସତତ ଯତ୍ନବାନ ହେବା ବାଞ୍ଛନୀୟ । ବହୁ ସଂଗ୍ରାମ କରି ଭାରତର ଦେଶପ୍ରେମୀ ମହାମାନବମାନେ ଯେଉଁ ସ୍ୱାଧୀନତା ଲାଭ କରିଛନ୍ତି ତାହାର ରକ୍ଷା ଆମ୍ଭମାନଙ୍କର ପରମ କର୍ତ୍ତବ୍ୟ ଅଟେ । ଦେଶର ପ୍ରଗତି ପାଇଁ ନାଗରିକମାନେ ଦୃଢ଼ ସଂକଳ୍ପ ନେଇ କାର୍ଯ୍ୟ କରିବା ଆବଶ୍ୟକ ।

ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୯୩୭୨୨୪୦୮୪


# ନାକରୁ ରକ୍ତ ପଡ଼ିଲେ


ନାରାୟଣ ଚନ୍ଦ୍ର ବିଶ୍ୱାଳ

ପେଟ ଗରମ ହେଲେ ନାକରୁ ରକ୍ତ ବାହାରିଥାଏ । ଅଧିକ ସମୟ ଖରାରେ କାମ କରିବା ଦ୍ୱାରା ନାକରୁ ରକ୍ତ ପଡ଼ିଥାଏ । ନାକରୁ ରକ୍ତ ବାହାରିବା ଦୃଶ୍ୟ ଅଭିଜ୍ଞତାକୁ ଦେଖାଯାଏ ପ୍ରକୃତରେ ତାହା ସେତେ ମାରାତ୍ମକ ନୁହେଁ । ନାକରୁ ରକ୍ତ ପଡ଼ିବା ଆରମ୍ଭ ହେଲେ ବିଚଳିତ ନ ହୋଇ ଶାନ୍ତିରେ ବସି ରୁହନ୍ତୁ । ରକ୍ତ ବାହାରିବା ଆରମ୍ଭ ହେଲେ ତାକୁ ଚିଜର ଉପରେ ବସି ଯାଆନ୍ତୁ । ନିଜ ମୁଣ୍ଡକୁ ସାମ୍ନା ପଟକୁ ଝୁଙ୍କାଇ ରଖନ୍ତୁ । ମୁଣ୍ଡକୁ ଛାତି ଉପରେ ରଖିବାକୁ ଚେଷ୍ଟା କରନ୍ତୁ । କେବେ ପଛକୁ ଝୁଙ୍କିବାକୁ ଚେଷ୍ଟା କରନ୍ତୁ ନାହିଁ । ନାକ ବାଟେ ବାହାରୁଥିବା ରକ୍ତ ଯେପରି ପେଟ ଭିତରକୁ ନଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ପେଟ ଭିତରକୁ ରକ୍ତ ଗଲେ ଝାଡ଼ାବାନ୍ତି ହେବାର ବହୁତ ସମ୍ଭାବନା ରହିଛି । ବୁଢ଼ା ଆଙ୍ଗୁଠି ଓ ତର୍ଜନୀ ଆଙ୍ଗୁଠି ସାହାଯ୍ୟରେ ନାକକୁ ଚାପି ଧରନ୍ତୁ । ରକ୍ତ ବନ୍ଦ ହେବା ପର୍ଯ୍ୟନ୍ତ ଏଭଳି ଭାବେ ଧରି ରଖନ୍ତୁ । ୫ ମିନିଟ ପରେ ଯଦି ରକ୍ତ ବନ୍ଦ ନହୁଏ ପୁଣି ୧୦ ମିନିଟ ପାଇଁ ଚାପି ଧରନ୍ତୁ । ନାକ ଉପରେ ବରଫ ଖଣ୍ଡ ମାଲିସ କରି ପାରିବେ । ଥରେ ରକ୍ତ ବନ୍ଦ ହେବା ମାତ୍ରେ ଏଭଳି କିଛି କରନ୍ତୁ ନାହିଁ ଯଦ୍ୱାରା ପୁଣି ଥରେ ରକ୍ତସ୍ରାବ ଆରମ୍ଭ ହେବ । କୌଣସି ପ୍ରକାର ଉଚ୍ଚ ଶକ୍ତି ଫୁଙ୍କକୁ ହାତରେ ମଳିବ ରୋଗୀକୁ ଶୁଆନ୍ତୁ ନାହିଁ । ଛୋଟ ପିଲାମାନଙ୍କ ନଖ ପ୍ରତି ସପ୍ତାହରେ କାଟିବାକୁ ଭୁଲନ୍ତୁ ନାହିଁ । ଘରେ ଭଲ ଭାବେ ବାୟୁ ଚଳାଚଳ କରୁଥିବା ସ୍ଥାନରେ ଶୁଅନ୍ତୁ । ଅତ୍ୟଧିକ ଧୂମପାନଠାରୁ ଦୂରେଇ ରୁହନ୍ତୁ । ନାକରେ କାଠି ପୁରାଇ ଛିଙ୍କିବାକୁ ଚେଷ୍ଟା କରନ୍ତୁ ନାହିଁ । ଏହାଦ୍ୱାରା ନାକରେ କ୍ଷତ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ନାକ ଅନେକ ଲୋକଙ୍କର କୁଣ୍ଡେଇ ହୁଏ । ଏହା ଭିତରୁ ଅଧିକାଂଶ ଘରୋଇବାଳା ହେଉଛି ସ୍ୱାଭାବିକ ପ୍ରକ୍ରିୟା କିନ୍ତୁ ଆପଣ ଲକ୍ଷ୍ୟ ରଖିଥିବେ ଅନେକ ଲୋକ ଚାହାଁଚାହିଁ ଦେଖୁଥିବେ ନାକ ଭିତରେ ଆଙ୍ଗୁଠି ଚାଳନା କରିଥାନ୍ତି ଏହା ଆଦୌ ଠିକ୍ ନୁହେଁ । ରକ୍ତସ୍ରାବ ହେଉଥିଲେ ଏହାକୁ ହାଲ୍କା ଭାବରେ ନିଅନ୍ତୁ ନାହିଁ କିମ୍ବା ଏହାକୁ ତୁରନ୍ତ ଚିକିତ୍ସା କରନ୍ତୁ ନାହିଁ । କାରଣ ଏହା ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ । ୧୫ ମିନିଟରୁ ଅଧିକ ସମୟ ପରେ ଯଦି ରକ୍ତସ୍ରାବ ବନ୍ଦ ନ ହୁଏ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୬୭୬୦

# ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି...


ପଙ୍କଜ କୁମାର ପାଣିଗ୍ରାହୀ

ହିନ୍ଦୁ ସଂସ୍କାର, ସଂସ୍କୃତି ଜଡିତ ଉପରୋକ୍ତ ଉକ୍ତିଟିକୁ ଅତ୍ୟାଧୁନିକ ମଣିଷ ଉପସ୍ଥିତ ସମୟ ସାପେକ୍ଷ ଚେତନାରେ ମୁଖରିତ କରି ଯେତେସବୁ ଶିକ୍ଷା ସମାଜରେ ବିତରଣ କରୁଛନ୍ତି ସେସବୁ ସମ୍ପୃକ୍ତ ଦାର୍ଶନିକଙ୍କ ପ୍ରକୃତ ସନ୍ଦେଶ ନୁହେଁ । ଆମ ସଂସ୍କୃତିର ପ୍ରାୟତଃ ସମସ୍ତ ଜ୍ଞାନସିକ୍ତ ବକ୍ତବ୍ୟ ଗୁଡ଼ିକୁ ବିକୃତ, ବିଭତ୍ସ କରି ଅମାନୁଷିକ ସ୍ୱାର୍ଥାନ୍ୱେଷୀ ଆଜି ଯାହାସବୁ ବିପରୀତମୁଖୀ ଚେତନା ସମାଜରେ ବିତରଣ କରୁଛନ୍ତି ସେଗୁଡ଼ିକ ସମୀକ୍ଷା କରିବା ମଣିଷ ଜାତି । ଉପସ୍ଥିତ ସମୟରେ କେତେକ ଅଜ୍ଞାନ ଚତୁର ସ୍ୱାର୍ଥାନ୍ୱେଷୀ ନିଜକୁ ସୁହାଇଲା ଭଳି ଅନେକ ମଂବ୍ୟ ପ୍ରଚ୍ଛର ପ୍ରସାର କରି ସାଧାରଣ ନିର୍ବୋଧଙ୍କୁ ପ୍ରତାରିତ କରି ଠକୁଥିବା ନବୁଝି ସେମାନଙ୍କ କଥାକୁ ମହତ୍ତ୍ୱ ସହିତ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି ସମସ୍ତଙ୍କ କ୍ଷେତ୍ରରେ । ପ୍ରମାଣପତ୍ର ଶୂନ୍ୟ ଅଜ୍ଞାନୀ ଦାର୍ଶନିକ ଯାହାସବୁ ଚେତନାଜ୍ଞାନ ଦେଇ ଯାଉଛନ୍ତି ସେଗୁଡ଼ିକୁ କଦର୍ଥ କରି ଶିକ୍ଷା ପ୍ରମାଣପତ୍ରଧାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜରେ ନିଜର ସ୍ୱୟଂସିଦ୍ଧତା ସାବ୍ୟସ୍ତ କରିବା ଲକ୍ଷ ରଖି ଯାହା ସବୁ ପ୍ରେରଣା ଦେଉଛନ୍ତି ତାହାଦ୍ୱାରା ମଣିଷ ସମାଜ ଉନ୍ନତି କରିବା ପରିବର୍ତ୍ତେ ଅବନତିର ବିଭୀଷିକା ଆଡ଼କୁ ମୁଖରିତ । ଏହି ମର୍ମରେ ସମ୍ପୃକ୍ତ ଉକ୍ତିଟିର ସମୀକ୍ଷା କରି ସମୁଚିତ ଶିକ୍ଷା ପାଇବା ବିଷୟ ଏହାକି...

ପ୍ରଥମେ ଆମକୁ ଧନ ଏବଂ ଧର୍ମର ମହତ୍ୱକୁ ବୁଝିବାକୁ ହେବ । ତତ୍‌ପରବର୍ତ୍ତୀ ସେଗୁଡିକର ଆହରଣ ଏବଂ ସଂରକ୍ଷଣ ବିଷୟ ବିଚାରକୁ ନେଇ ନିଜସ୍ୱ ଜୀବନ ଶୈଳୀକୁ ସରସ ସୁନ୍ଦର କରିବା ସମ୍ଭବ ହେବ । ଅର୍ଥାତ ଧନ କାହାକୁ କୁହାଯାଏ ବିଚାର କରି ଦେଖିବା । କୌଣସି ବିଷୟ କିମ୍ବା ବସ୍ତୁର ବାସ୍ତବବାଦୀ ଚେତନା ଜ୍ଞାନ ତଥା ସତ୍ୟାସତ୍ୟ ଉନ୍ମୋଚନ କରି ସ୍ମରଣିକା ମଧ୍ୟରେ ସଂସ୍ଥାପନ କରିବା ଦ୍ୱାରା ମଣିଷର ପ୍ରକୃତ ଜ୍ଞାନ ଉଦୟ ହୋଇଥାଏ । ସେହି ପ୍ରକୃତ ଜ୍ଞାନକୁ ବିନିଯୋଗ କରି ମଣିଷ ଅନେକ କିଛି ହାସଲ କରିବା କ୍ଷମତା ପ୍ରାପ୍ତ ହୋଇଥାଏ । ସମୟ ସାପେକ୍ଷ ଜ୍ଞାନର ବ୍ୟବହାର ମଣିଷକୁ ସାହସ, ଆନନ୍ଦ ଓ ମାନବିକ ପ୍ରେରଣା ଦେଇଥାଏ ଯଦ୍ୱାରା ମଣିଷର ଅଭାବନିୟତା ଦୂର କରିବାରେ ଅତ୍ୟ ଉପାଦେୟ ହୋଇଥାଏ । ଏହାର ତାତ୍ତ୍ୱିକ ନିର୍ଦ୍ଦର୍ଶନ ଏହା କି ଜ୍ଞାନ ଦ୍ୱାରା ଜୀବନର ଯେକୌଣସି ପରିସ୍ଥିତିକୁ ମୁକାବିଲା କରାଯାଇ ପାରିବ । କିନ୍ତୁ ଟଙ୍କା ଦ୍ୱାରା କେବଳ ଖୁବ୍ କମ୍ ସମସ୍ୟାର ସମାଧାନ ସମ୍ଭବ, ଆଉ କେତେବେଳେ ଟଙ୍କା ମୁକାବିଲା କରିପାରିବା କ୍ଷମତା ବହିର୍ଭୁତ ପରିସ୍ଥିତି ସୃଷ୍ଟି କରିବାରେ ସହଯୋଗୀ ହୋଇଥାଏ । ଟଙ୍କା ଜୀବନ ଘାତକର କାରଣ, ଟଙ୍କା ମାନସିକ ଅସ୍ୱଚ୍ଛନ୍ଦର କାରଣ ହେଉଥିବା କୌଣସି ଆଶ୍ଚର୍ଯ୍ୟ କଥା ନୁହେଁ ଯାହା ସମସ୍ତେ ଜାଣଁ । ଟଙ୍କା କେବଳ ଏକ ମନୁଷ୍ୟକୃତ ବିଭୀଷିକାର ରୂପାଂତରିତ ଚେହେରା ବ୍ୟତୀତ ପ୍ରକୃତ ଧନ ନୁହେଁ । ତେଣୁ ଦାର୍ଶନିକ, ମଣିଷର ଅଂଜ୍ଞାନକୁ ଏଠାରେ ଧନ ରୂପେ ବର୍ଣ୍ଣନା କରି ମଣିଷ ସମାଜକୁ ଆହ୍ୱାନ ଦେଇଛନ୍ତି ଯେ ଆମକୁ ଜ୍ଞାନ ଅର୍ଜନ କରିବାକୁ ହେବ ଏବଂ ତାହାର ସଂରକ୍ଷଣ ସଦୁପଯୋଗ ଉପରେ ପ୍ରାଧାନ୍ୟତା ଦେଇ ଶିଖିବାକୁ ହେବ ଯାହା ଆମକୁ ପ୍ରକୃତ ଧନଶାଳୀ କରିପାରିବ । ଅର୍ଥାତ ସେହି ଜ୍ଞାନ ରୂପକ ଧନକୁ ବ୍ୟବହାର କରି ଆମେ ଆନନ୍ଦରେ କାଳାତିପାତ କରିପାରିବା । ଅନୁରୂପ ଏଠାରେ ମଣିଷକୁ ସତ୍ୟ ଉପରେ ଆଧାରିତ ସାମାଜିକ, ମାନବିକ ଚେତନା ତଥା ତାହାର ବ୍ୟବହାରକୁ ଧର୍ମ ବୋଲି କୁହାଯାଇ ଅଛି ଯାହା ପ୍ରକୃତ ପକ୍ଷେ ମାନବଧର୍ମ ଅଟେ । ମଣିଷର ପ୍ରବାହିତ ଚରିତ୍ର, ଆଚରଣ ଏବଂ ସାମାଜିକ କର୍ତବ୍ୟନିଷ୍ଠତାକୁ ପ୍ରକୃତ ଧର୍ମ ବୋଲି କୁହାଯାଏ । ତେଣୁ ଆମକୁ ମାନବିକ ଚେତନାରେ ଅଭିଷିକ୍ତ ହୋଇ ସମାଜର ମଙ୍ଗଳ ଦିଗରେ ବ୍ରତୀ ହେବା ପାଇଁ ଆହ୍ୱାନ ପୂର୍ବକ ଦାର୍ଶନିକ ତାହାର ସୁବିନିଯୋଗ କରି ମାନବ ମଙ୍ଗଳ ଦିଗରେ ନିୟୋଜିତ କରିବା ପାଇଁ ପ୍ରେରଣା ଦେଇଛନ୍ତି । ସେଗୁଡିକୁ ବିଭସ୍ତ, କଦର୍ଥ କରି ଅଜ୍ଞାନ ଚତୁର ଯେଉଁ ସମୟସାପେକ୍ଷ ଯୁକ୍ତି ପ୍ରଦାନ କରୁଛନ୍ତି ତାହା ସାଧାରଣ ନିର୍ବୋଧଙ୍କ ଅଜ୍ଞାତରେ ପରିଚାଳିତ କରୁଥିବା ହେତୁ ସମାଜରେ ଅନ୍ୟାୟ, କୁସଂସ୍କାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଉପସ୍ଥିତ ସମୟରେ ଦୁଇଟି ଗୋଷ୍ଠୀର ବ୍ୟପାରୀ ନିଜସ୍ୱ ସ୍ୱାର୍ଥକୁ ସମ୍ମୁଖରେ ରଖି ସାଧାରଣ ଲୋକଙ୍କୁ କହୁଛନ୍ତି ଯେ ଧନ କହିଲେ ଟଙ୍କା ଏବଂ ଧର୍ମ କହିଲେ କାଠ, ପଥର, ଧାତୁ, କାଗଜର ମୂର୍ତ୍ତିକୁ ଫୁଲ, ଚନ୍ଦନ, ଅର୍ଘ୍ୟ, ବ୍ୟନ ପ୍ରଦାନ ପୂର୍ବକ ପୂଜା !! ତେଣୁ ଏହି ଦୁଇଟିକୁ ମନଲାଖି ଆହରଣ କରିବା ଏବଂ ତାହାର ସଂଚୟ, ବିନିଯୋଗ କରିବା ଦ୍ୱାରା ମଣିଷ ସୁଖ ଶାନ୍ତି ପାଇ ପାରିବ, ଯାହା ସମ୍ପୂର୍ଣ୍ଣ ବ୍ୟର୍ଥ ପରିକଳ୍ପନା ମାତ୍ର ! ସାଧାରଣ ମଣିଷ ସମୂହ ସେମାନଙ୍କ ଏହି ବୃଥା, ମିଥ୍ୟା ପ୍ରେରଣାକୁ ଅଂତରଣୀୟ କରି କାର୍ଯ୍ୟ କରିବା ଦ୍ୱାରା ସେହି ଦୁଇ ଗୋଷ୍ଠୀର ବ୍ୟପାରୀ ସମାଜରୁ କେମିତି ପରୋକ୍ଷରେ ସ୍ୱାର୍ଥ ହାସଲ କରୁଛନ୍ତି ଏବଂ ନିର୍ବୋଧ କେମିତି ପ୍ରତାରିତ ହେଉଛନ୍ତି ଆଜି ସମୟରେ ବିଚାର କରିବା । ସେମାନଙ୍କ ପ୍ରଚାର, ପ୍ରସାର ଜନିତ ସାମଭଜିକ ବିଭୀଷିକା ବିଷୟରେ ସମ୍ୟକ୍ ଆଲୋଚନା କରାଗଲେ ନିଷ୍କର୍ଷ ଏହା ମିଳିବ ଯେ...ଜଣେ ମଣିଷ ତାହାର ବ୍ୟବହାର ଆବଶ୍ୟକ ବହିର୍ଭୁତ ଯେଉଁ ଧନରାଶି ଉପାର୍ଜନ କରିଥାଏ ତାହାର କିଛି ଅଂଶ ଦୈନନ୍ଦିନ ଚଳଣିରେ ବ୍ୟବହାର କରିବା ପରେ ଅବଶିଷ୍ଟାଂଶ ସଂଚୟ କରିଥାଏ ଯାହା ବିଭିନ୍ନ ସାମାଜିକ ସଂଚୟ ସଂସ୍ଥା ମଧ୍ୟରେ ସମାହିତ । ସେହି ସଂଚୟ ଟଙ୍କାକୁ ସାଧାରଣ ନିର୍ବୋଧ ମଣିଷଟିଏ ବର୍ଷ ବର୍ଷ ଧରି ସମ୍ପୃକ୍ତ ଜମାକାରୀ ସଂସ୍ଥାରେ ନିୟୋଜିତ କରି ଶେଷରେ ଯେଉଁ ବର୍ଦ୍ଧିତ ରାଶି ପ୍ରାପ୍ୟ ହୋଇଥାଏ ସେଗୁଡିକ ସମ୍ପୃକ୍ତ ମଣିଷର କୌଣସି କାର୍ଯ୍ୟରେ ନଲାଗି ପୁନର୍ବାର ଅନ୍ୟ ଏକ ଦିଗରେ ନିବେଶ କରାଯାଇ ଥାଏ । ଅଧିକ୍ନୁ ଅନେକ ବର୍ଷର ସଂଚୟକୁ କିଛି ଶୁଦ୍ଧ ସମେତ ପାଇଲା ବେଳକୁ ସେହି ସମୁଳ ଶୁଦ୍ଧ ଧନର ସାମାଜିକ ମୂଲ୍ୟ ହୁଏତ ସେହି ପୂର୍ବ ସମୟ ସହିତ ସମାନ ରହିଥାଏ ତ ଆଉ କେତେବେଳେ କମ୍ ହୋଇଥାଏ ଯାହା ସାଧାରଣରେ କୌଣସି ଲୋକ ଜାଣିପାରନ୍ତି ନାହିଁ । ଇତି ମଧ୍ୟରେ ସମ୍ପୃକ୍ତ ଜମାକାରୀ ସଂସ୍ଥା ସେହି ଧନରାଶି ବିନିଯୋଗ କରି ଯଥେଷ୍ଟ ଲାଭ ପାଇଥିବା ବେଳେ ନିବେଶକଙ୍କ ପ୍ରାପ୍ୟ ଅତି ନଗଣ୍ୟ ହୋଇଥାଏ ତୁଳନାତ୍ମକ ସେମାନଙ୍କ ଲାଭ । ପୁନର୍ବାର ସେହି ଧନରାଶିକୁ ନିବେଶକ ଅନ୍ୟ ଏକ ଦିଗରେ ନିବେଶ କରିବା ଛଡା କୌଣସି ପ୍ରକାରେ ନିଜର ବ୍ୟବହାର ଉପଯୋଗୀ ଖର୍ଚ୍ଚ ନକରି ପୁନର୍ବାର ସେହି ନିବେଶ ଧାନକୁ କୌଣସି ପ୍ରକାରେ ଉପଭୋଗ ନକରି ଜୀବନ ଶେଷ କରୁଥିବା ଉଦାହରଣ ୯୦ ପ୍ରତିଶତରୁ ଅଧିକ ଦେଖିବାକୁ ମିଳିବ ଉପଯୁକ୍ତ ଅନୁଧାନ କଲେ । ସାଧାରଣ ମଣିଷ ଗୁଡିକ ବ୍ୟାପକ ପରିଶ୍ରମ କରି ହେଉ କିମ୍ବା ଅନୈତିକ ଉପାୟରେ ଅର୍ଜିତ ଧନର ନିଜକୁ ପ୍ରୟୋଜନ ନଥାଇ କେବଳ ସେହି ଚତୁର ବ୍ୟବସାୟୀଙ୍କୁ ପୋଷିବା ଛଡା କୌଣସି ମୂଲ୍ୟଯୁକ୍ତ ଅନୁଭବ କରିନଥାନ୍ତି । ତେଣୁ ଚତୁର ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଥାନ୍ତି ଯେ ଧନ ସଂଚୟ କଲେ ଭବିଷ୍ୟ ଉଜ୍ଜଳ ହେବ ଯାହା ଏକ ଅଲୌକିକ ବିଚାର ମଧ୍ୟରେ ଅସମାହିତ ଭାବେ ସମ୍ପୂର୍ଣ୍ଣ କରି ଶରୀର ତ୍ୟାଗ କରିଥାନ୍ତି ନିବେଶକ ସାଧାରଣ ମଣିଷ । ସେସବୁ ଏକ ସାମାଜିକ କୁହେଳିକା ବ୍ୟତୀତ ପ୍ରକୃତ ଧନ ଉପଭୋଗର କୌଣସି ନିଦର୍ଶନ ରଖିନଥାଏ ସାଧାରଣ ଲୋକଙ୍କ କ୍ଷେତ୍ରରେ ।ଅନୁରୂପ ଧର୍ମ ବୋଲି କହି ଯେଉଁ ଜଡ଼ବସ୍ତୁ ଗୁଡିକୁ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥାଏ ତାହା ଏକ ପିଲାଳିଆମୀ ଛଡା ଆଉ କିଛି ନୁହେଁ ! କାରଣ ଜୀବନ ବିହୀନ ଅଦୃଶ୍ୟ, ଅସ୍ପୃଶ୍ୟ କୌଣସି ଜଡ଼ ବସ୍ତୁଟିଏ ସମ୍ମୁଖରେ କେତେ ମୁଣ୍ଡ ପିଟି ପ୍ରାର୍ଥନା କଲେ ମଧ୍ୟ ଫଳ ପ୍ରାପ୍ତିର କୌଣସି ନିଦର୍ଶନ ରହିନଥାଏ ଯାହା ପ୍ରାକୃତିକ ନିୟମ ସାପେକ୍ଷ । କିନ୍ତୁ ସାଧାରଣ ଲୋକଙ୍କୁ ବିଭିନ୍ନ ଭୟାବହ ସନ୍ଦେଶ ଦେଇ ଚତୁର ଧର୍ମ ପ୍ରଚାରକ ଏବଂ ସେମାନଙ୍କ ସହଯୋଗୀ ମାନେ ପୂଜା ଆରାଧନା ନାମରେ ବ୍ୟାପକ ଧନ ଆହରଣ କରୁଥିବା ବେଳେ ସେମାନଙ୍କୁ ନିଜର ବଶୀଭୂତ କରି ରଖିବା ଉଦ୍ଦେଶ୍ୟରେ ଏହିଭଳି ଅଯୌକ୍ତିକ, ଅମାନବୀୟ ପ୍ରେରଣା ଦେଇଥାନ୍ତି ଯାହା ସାଧାରଣ ନିର୍ବୋଧ କିଛି ନବୁଝି କେବଳ ଭୟରେ ସେଗୁଡିକୁ ଗ୍ରହଣ କରି ଚାଲିଥିବା ଆମ ସମାଜର ବିଭୀଷିକା ଅତ୍ୟନ୍ତ ମର୍ମସ୍ପର୍ଶୀ । ନିର୍ଦ୍ଦିଷ୍ଟ ଭାବେ ଦେଖିବାକୁ ଗଲେ ଭାରତୀୟ ସନାତନ ଧର୍ମ ଏକ ବୈଜ୍ଞାନିକ ଚେତନାଶୀଳ ଶାସ୍ତ୍ର ଯେଉଁଥିରେ କୌଣସି ମୂର୍ତ୍ତି ପୂଜା କିମ୍ବା ଭଗବାନଙ୍କ ଉପସ୍ଥିତି ବିଷୟରେ ବର୍ଣ୍ଣିତ ହୋଇନାହିଁ ! ସନାତନ ଧର୍ମ କେବଳ ମଣିଷକୁ ମଣିଷ ଭଳି ଗଢି ତୋଳିବାର ପ୍ରୟାସ କରି ଏକ ମାନବୀୟ ସତ୍ୟ ଆଧାରିତ ପ୍ରେରଣା ଦେଇଛି ଯାହା ସାଧାରଣ ଲୋକଙ୍କୁ ଆଦୌ ଗୋଚର ନାହିଁ ! କାରଣ ଚତୁର ବ୍ୟପାରୀ ଧର୍ମ ଗୁରୁ, ପ୍ରଚାରକ ସେଗୁଡ଼ିକୁ କଦର୍ଥ କରି ତାହାର ବିପରୀତରେ ବିଭିନ୍ନ ମିଥ୍ୟା ସନ୍ଦେଶ ଦେଇ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ବିଭୀଷିକାର ଅନ୍ତ ନାହିଁ । ସେମାନଙ୍କ ସେହି ଅବୈଜ୍ଞାନିକ, ଅସତ୍ୟ ବାଚଳ ପ୍ରେରଣାରେ ଅଭିଷିକ୍ତ ହୋଇ ସାଧାରଣ ନିର୍ବୋଧ ଜୀବନର ଅନେକ କିଛି ନଷ୍ଟ କରିବା ସହିତ ସାରା ଜୀବନ ସମାନଙ୍କ ଭୃତ୍ୟ ହୋଇ ଜୀବନ ଶେଷ କରୁଥିବା ଦୃଶ୍ୟ ଅତ୍ୟନ୍ତ ଦୁଃଖଦଃ ମର୍ମସ୍ପର୍ଶୀ ହୋଇଥାଏ ଆମ ଦେଶ କାହିଁକି ବରଂ ପ୍ରାୟତଃ ସବୁ ଧର୍ମ ସମ୍ପ୍ରଦାୟ ସବୁ ରାଷ୍ଟ୍ରରେ ବିଶ୍ୱ ବ୍ୟାପି !

ତେଣୁ ସାଧାରଣ ମଣିଷ ମାନେ ଏହି ପିଲାଳିଆମୀ, ବାଚଳାମି ପରିତ୍ୟାଗ କରି ସତ୍ୟର ପଥ ଉନ୍ମୋଚନ, ଅନୁସରଣ କରିବା ନଶିଖିଲେ ଏମିତି ସବୁ କଥାର ବିପରୀତମୁଖୀ ପ୍ରେରଣା ଗୁଡିକୁ ନେଇ ଜୀବନ ସାରା ପ୍ରତାରଣାର ଶିକାର ହୋଇ ନିଜ ଜୀବନକୁ ବିଭ୍ରାନ୍ତ କର, ଦୁଃଖଦ ପରିବେଶ ମଧ୍ୟରେ ରଖି ଜୀବନ ଶେଷ କରିବାକୁ ପଡୁଥିବ ପିଢ଼ିକୁ ପିଢ଼ି । ସବୁ ବର୍ଗର ସାଧାରଣ ମଣିଷ ମାନେ କ୍ଷୁଦ୍ର ରାସ୍ତାରେ ଅଧିକ ଲାଭ ପାଇବା ଆଶା ଛାଡି ପ୍ରକୃତ ବାସ୍ତବ ପଥରେ ଅତିକ୍ରମ କରିବା ଶିକ୍ଷା ନକରିବା ପର୍ଯ୍ୟନ୍ତ ଏହି ଦୁଃସ୍ମୃତ କେଳେଙ୍କାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜକୁ ଏମିତି ଲୁଟୁଥିବେ ଏବଂ ସାଧାରଣ ଲୋକେ ସେମାନଙ୍କ ପ୍ରତାରଣାର ଶିକାର ହୋଇ ଚାଲିଥିବେ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି ବ୍ୟକ୍ତ କରିବେ ବୋଲି ଅନୁରୋଧ ପୂର୍ବକ ରହିଲି...

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଭଞ୍ଜ ସାହିତ୍ୟରେ ନାରୀ


ବାଦଲ ଭୂୟାଁ

କବିତାକୁ କଳାମଞ୍ଜୁଳ ଓ ରସାଳତମ ସଙ୍ଗୀତ ବାହାନାରେ ଅଧିଷ୍ଠିତ କରାଇବା ପାଇଁ ବହୁ ଶତାବ୍ଦୀ କାଳ ଓଡ଼ିଆ ଜାତି ସାଧନା କରିଥିଲା । କିନ୍ତୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ହିଁ ଏହି ସାଧନାର ମୁଣ୍ଡି ମାରିଥିଲା । ଯେଉଁ ଅଳଙ୍କାରବିଭବ ଓ ରସବିଭବ ନେଇ ସଂସ୍କୃତ ଭାଷା ବିଶ୍ୱବନ୍ଦ୍ୟା, ସେ ସବୁକୁ ନିଜ କାବ୍ୟ କବିତାରେ ପ୍ରବର୍ତ୍ତନ କରି ଓଡ଼ିଆ ଭାଷାର ସ୍ଥିତି ଦୃଢ଼ କରିଥିଲେ ସେ । ତେବେ ସେତେବେଳର ସମାଜରେ ନାରୀର ଦୟନୀୟ ସ୍ଥିତିକୁ ପରିବର୍ତ୍ତନ କରିବାର ଚିନ୍ତା ନେଇ ସେ ଯେଉଁ କାବ୍ୟ କବିତାମାନ ରଚନା କରିଯାଇଥିଲେ ତା'ର ପ୍ରଭାବ ଆଜିର ସମାଜରେ ଦେଖିବାକୁ ମିଳୁଛି । ଓଡ଼ିଆ ଜାତି ଯେଉଁ ଜଣକୁ କବିଭାବେ ହୃଦୟର ସହିତ ଗ୍ରହଣ କରିଛି ସେ ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ । ସେଥିପାଇଁ ଓଡ଼ିଆମାନଙ୍କ ପ୍ରାଣକୁ ଚିହ୍ନିଥିବା ଗୋପବନ୍ଧୁ ଲେଖିଥିଲେ- ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ -ପଥେ ପାନ୍ଥ ଦୁଷ୍ଟମନା, ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷ, ନୃତ୍ୟରଙ୍ଗେ ବାରାଙ୍ଗନା । ଓଡ଼ିଆ ସାହିତ୍ୟ ନିଜର ପୃଷ୍ଠଭୂମି ପାଇଁ ସଂଘର୍ଷ କରୁଥିବା ସମୟରେ ଆବିର୍ଭାବ ହୋଇଥିଲେ ଉଚ୍ଚକୋଟୀର ଶବ୍ଦ ଓ ବର୍ଣ୍ଣନା ଯୋଗୁଁ ଚଷାଠାରୁ ବାରାଙ୍ଗନା ଯାଏଁ ସମସ୍ତଙ୍କ ପ୍ରିୟ ହୋଇପାରିଥିଲା । ଗତାନୁଗତିକ ସାହିତ୍ୟରୁ ବ୍ୟତିକ୍ରମ ଥିଲା ଭଞ୍ଜ ସାହିତ୍ୟ । ସମାଜକୁ ସୁସ୍ଥ ସୁନ୍ଦର କରିବାରେ ସହାୟକ ହେଉଥିବା ପୁରାଣ ବର୍ଣ୍ଣିତ ବିଚାରଧାରାକୁ ଗ୍ରହଣ କରିବା ସହ ଏହାର ପରିପନ୍ଥୀ ବିଚାରଧାରାକୁ ପ୍ରତ୍ୟାଖ୍ୟାନ ମଧ୍ୟ କରିଥିଲେ ସେ । ସେଥିମଧ୍ୟରୁ ମୁଖ୍ୟ ଥିଲା ନାରୀମାନଭ୍‌କ ସମ୍ପର୍କରେ ପୁରାଣ ଆଦିରେ ରହିଥିବା ଚିନ୍ତାଧାରା । ମାନବ ସମାଜର ଅର୍ଦ୍ଧେକ ନାରୀ ଶକ୍ତି ହୋଇଥିଲେ ମଧ୍ୟ ବିଭିନ୍ନ ଧର୍ମରେ, ଧର୍ମ ଗ୍ରନ୍ଥରେ ସେମାନଙ୍କୁ ସର୍ବଦା ନ୍ୟୁନଭାବେ ଦର୍ଶାଯାଇଛି । ଏତାକୁ ଉପେନ୍ଦ୍ର ଭଞ୍ଜ ସହଜରେ ଗ୍ରହଣ କରିପାରିନଥିଲେ । ତେଣୁ ସେ ଲେଖିଥିଲେ - 'ପୁରାଣ ଅଭିଧାନ ଜାଣିଥିଲେ, ଜାଣି କିସ ହେବ ବିହୃଦ ହେଲେ । କେବଳ ହିନ୍ଦୁପୁରାଣ ନୁହେଁ, କୋରାନ୍, ବାଇବେଲ୍, ତ୍ରିପିଟକ ଆଦି ଧର୍ମଗ୍ରନ୍ଥ ଗୁଡ଼ିକରେ ମଧ୍ୟ ନାରୀମାନଙ୍କୁ ନ୍ୟୁନଦୃଷ୍ଟିରେ ବର୍ଣ୍ଣନା କରାଯାଇଛି । ହରିବଂଶ ପୁରାଣରେ ବର୍ଣ୍ଣିତ ଅଛି "ଦେବଗୁରୁ ମୋଇଲେ ସ୍ତ୍ରୀରୀଙ୍କି ନଯିବ ପରତେ, ସ୍ତ୍ରୀରିଙ୍କୁ ବିଶ୍ୱାସ ଗଲେ ଅନ୍ୟାଚାର ସଯୁଗତେ ।" ଶ୍ରୀମଦଭାଗବତରେ ନାରୀକୁ ମାୟା, ଅଜ୍ଞାନ, ଅନ୍ଧକାର, ଛଳନା ଓ କପଟର ପ୍ରତିରୂପ ଭାବରେ, ମୋକ୍ଷ ସାଧନର ପ୍ରଦାନ ଅନ୍ତରାୟ ଭାବେ ବର୍ଣ୍ଣନା କରାଯାଇଛି । ଏମନ୍ତ ସଙ୍ଗ ନ କରିବ । ଯେ ସୁଭାଗ୍ୟେ ଇଚ୍ଛାଥିବ । ଯେ ମୋକ୍ଷ ସାଧନ ଇଚ୍ଛିବ । ସେ ନାରୀସଙ୍ଗ ନ କରିବ । ନାରୀ ଅଜ୍ଞାନ ତମଦ୍ୱାର । ଯୋଗୀ ଛାଡ଼ିବେ ସଙ୍ଗ ତାର । କେବଳ ମାୟାରେ ଯୁବତୀ । ନିର୍ମାଣ କଲା ପ୍ରଜାପତି । ବ୍ୟାଧ ଯେସନେ ଛନ୍ଦ କରି । ଜୀବ ବିନାଶେ ପାଶେ ଭରି । ତେସନ ନାରୀଙ୍କ ବଚନ । ବିଶ୍ୱାସୀ ହରେ ପ୍ରାଣୀ ମନ । ଭାଗବତରେ ନାରୀମାନଙ୍କୁ ଶୂଦ୍ରମାନଭ୍‌କ ସହ ତୁଳନା କରାଯାଇ ବେଦ, ଶାସ୍ତ୍ର ଶୁଣିବା, ପଢ଼ିବା, ଆଲୋଚନା କରିବା ନିମନ୍ତେ ଅଯୋଗ୍ୟ ବୋଲି କୁହାଯାଇଛି । କୋରାନ୍ ଓ ବାଇବେଲ୍‌ରେ ମଧ୍ୟ ନାରୀମାନଙ୍କ ଉପରେ ପୁରୁଷଙ୍କ ଆଧିପତ୍ୟକୁ ସ୍ୱୀକୃତି ଦିଆଯାଇଛି । ତ୍ରିପଟକରେ କୁହାଯାଇଛି 'ଯେଉଁ ପର୍ଯ୍ୟନ୍ତ ସ୍ୱାମୀମାନଙ୍କ ପ୍ରତି ପୁରୁଷମାନଙ୍କର ଅଣୁମାତ୍ର କାମନା ରହିବ ସେ ପର୍ଯ୍ୟନ୍ତ ପୁରୁଷ ମଧ୍ୟ ଦୁଧ ପିଉଥିବା ବାଛୁରୀ ଯେପରି ଗାଇ ସହିତ ରହିଥାଏ, ସେହିଭଳି ସ୍ତ୍ରୀ ସହିତ ବାନ୍ଧି ହୋଇ ରହିଥିବ ।" ଧର୍ମଗ୍ରନ୍ଥ ଗୁଡ଼ିକରେ ନାରୀ ନିର୍ଯ୍ୟାତନା କେବଳ ଲେଖନୀରେ ସୀମିତ ନଥିଲା ବରଂ ତାହା ପ୍ରକୃତରେ ହେଉଥିଲା । ରାମାୟଣ, ମହାଭାରତ ଆଦି ଗ୍ରନ୍ଥ ଗୁଡ଼ିକରେ ନାରୀ ନିର୍ଯ୍ୟାତନା ନିଛକ ଉଦାହରଣ ଦେଖିବାକୁ ମିଳିଥାଏ । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀ ଯେଉଁ ଭଳି ଭାବେ ସର୍ବ ସମ୍ମୁଖରେ ନିର୍ଯ୍ୟାତିତା ହୋଇଛନ୍ତି ତାହା ଏବେ ମଧ୍ୟ ସଚେତନ ବ୍ୟକ୍ତିର ଲୋମ ଟାଙ୍କୁରାଇ ଦିଏ । କବି ସମ୍ରାଟ ଉପେନ୍ଦ୍ରଙ୍କ ହୃଦୟ ଏହି ଅତ୍ୟାଚାରରେ ବ୍ୟଥିତ ହୋଇଛି । ସେ ନାରୀ ପୁରୁଷଙ୍କ ଜୀବନ ଓ ଆତ୍ମା ଭିତରେ କୌଣସି ପାର୍ଥକ୍ୟ ଦେଖି ନାହାନ୍ତି । ତେଣୁ ତାଙ୍କ ମତରେ ଅତ୍ୟାଚାର ତ ଦୂରର କଥା ପୁରୁଷ ନାରୀ ଉପରେ ଆଧିପତ୍ୟ ବିସ୍ତାର କରିବା ଉଚିତ୍ ନୁହେଁ । ନାରୀ ପୁରୁଷ ଦୁଇରେ, ଘେନି ଏକ ଜୀବନ କେବଳ ତନୁ ଭିନ୍ନ, ଯୋଗେ ଏକତ୍ୱ ହୋଇରେ । (ଲା.ବ-୪୭/୧୮) ହିନ୍ଦୁ ପୁରାଣମାନଙ୍କରେ ନାରୀର ପାତିବ୍ରତ୍ୟ ଓ ସତୀତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଏଥି ନିମନ୍ତେ ବହୁବିଧ ଉପାସବ୍ରତ, କଠୋର ନୀତିନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୃନ୍ଦାବତୀ, ସୀତା, ସାବିତ୍ରୀ, ସତୀ ଅନୁସୂୟା ଭଳି ଚରିତ୍ରର ସତୀତ୍ୱ ଓ ପତିଭକ୍ତିର ବର୍ଣ୍ଣନା କରାଯାଇ ନାରୀମାନଙ୍କ ସେହିଭଳି ହେବାପାଇଁ ପ୍ରେରିତ କରାଯାଇଛି । କିନ୍ତୁ ପୁରୁଷମାନଙ୍କ ପ୍ରୀତିର ସେଭଳି ପରାକାଷ୍ଠା କାହିଁ କୌଣସି ସ୍ଥାନରେ ମଧ୍ୟ ଦେଖିବାକୁ ମଳିନାହିଁ । ଶିବପୁରାଣ, ଲକ୍ଷ୍ମୀପୁରାଣ ଆଦିରେ ନାରୀମାନଙ୍କୁ ପୁରୁଷଙ୍କ ପାଦର ଯୋତା ଓ ଦାସୀଭାବେ ବର୍ଣ୍ଣନା କରାଯାଇଛି । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ପୁରାଣ ବର୍ଣ୍ଣିତ ଏହି ମତବାଦକୁ ଗ୍ରହଣ କରିପାରି ନାହାନ୍ତି । ସେ କହିଛନ୍ତି ସ୍ତ୍ରୀ ସ୍ୱାମୀଙ୍କ ଭିତରେ ପ୍ରଭୁ - ଭୃତ୍ୟ ସଂପର୍କ ଆଦି ପାରିନାହିଁ ଉଭୟେ ସେବ୍ୟ ପୁଣି ଉଭୟ ସେବକ । କେବଳ ସେତିକି ନୁହେଁ ପୁତ୍ର ସନ୍ତାନକୁ ଉତ୍କୃଷ୍ଟ ବୋଲି ମାନି ନାହାନ୍ତି ସେ । ତାଙ୍କ ମତରେ ପୁତ୍ର, କନ୍ୟା ଉଭୟେ ଈଶ୍ୱରଙ୍କ ଅବଦାନ ତେଣୁ ସେମାନଙ୍କ ଭିତରେ ଶ୍ରେଷ୍ଠ ଓ ନିକୃଷ୍ଟର ପାତର ଅନ୍ତର ବିଚାର ଈଶ୍ୱରଙ୍କ ଇଚ୍ଛା ନୁହେଁ । ରାଜା, ମହାରାଜା ଓ ମୋଗଲ ସମ୍ରାଟମାନଙ୍କ ଅମଳରେ ନାରୀମାନଙ୍କୁ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରାଯାଉଥିଲା । କବି ଉପେନ୍ଦ୍ର ଏହାର ବିରୋଧ କରିପାରିଥିଲେ ଯେ, ନାରୀମାନଙ୍କୁ ସେମାନଙ୍କ ନାର୍ଯ୍ୟ ଅଧିକାର ମିଳୁ ନଥିବା ଫଳରେ ସମାଜର ଅର୍ଦ୍ଧାଧିକ ବ୍ୟକ୍ତି ସ୍ଥାଣୁ ହୋଇଯାଇଛନ୍ତି । ଏକ ସୁସ୍ଥ ସୁନ୍ଦର ସମାଜ ପାଇଁ ସେ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ । ଉପେନ୍ଦ୍ର ଭଞ୍ଜଙ୍କ କବିତାରେ ନାରୀର ସର୍ବଦା ମୁଖ୍ୟ ସ୍ଥାନ ରହିଛି । ତାଙ୍କର ଶହ ଶହ କାବ୍ୟରେ ନାରୀର ସ୍ଥାନ ବନ୍ଦନୀୟା ହୋଇ ରହିଛି । ନିଜସ୍ୱ ରୀତିରେ ସେ ନାରୀକୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ । ତେଣୁ ସେ ସ୍ତ୍ରୀକୁ ସମସ୍ତ ମୂଲ୍ୟବାନ ରତ୍ନଠାରୁ ଭିନ୍ନ, ଅନନ୍ୟ ଓ ଅମୂଲ୍ୟ ଭାବେ ବର୍ଣ୍ଣନା କରିଛନ୍ତି । କବି ଉପେନ୍ଦ୍ର ଜାଣିଥିଲେ ସୌନ୍ଦର୍ଯ୍ୟଦ୍ୱାରା ନାରୀକୁ ପୁରୁଷଠାରୁ ଭିନ୍ନ ଓ ଅନନ୍ୟ କରାଯାଇପାରିବ । ତେଣୁ ତାଙ୍କର କାବ୍ୟ କବିତାରେ ସେ ନାରୀର ସୌନ୍ଦର୍ଯ୍ୟକୁ ଅତ୍ୟନ୍ତ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ଲାବଣ୍ୟବତୀ', 'ପ୍ରେମ ସୁଧାନିଧି' ଆଦି କାବ୍ୟଗ୍ରନ୍ଥରେ ସେ ନାରୀର ପ୍ରତିଟି ଅଙ୍ଗକୁ ଶବ୍ଦ ଚାତୁରୀରେ ବହୁ ଉପମା ଦେଇ ଉତ୍କର୍ଷତା ପ୍ରମାଣ କରିଛନ୍ତି । କିଏ କୁରଙ୍ଗ କି ଅବା ତୁ ରଙ୍ଗ । ଏଣି ତେଣିକି କରାଇ ସୁରଙ୍ଗ । କିଏ ନବ ବିକଚ ପଦ୍ମଦଳ । ପଡ଼ି କାଳନ୍ଦୀ ଜଳେ ଢଳଢଳ । କିଏ ସୁଧା ସିନ୍ଧୁର ଅବତରି । ହୁଏ ତରଳ ଗରଳ ଲହରୀ । କି ଏ ଗଙ୍ଗା କଲ୍ଲୋଳେ ବାତ ଯୋଗେ । ନୀଳ ଉତ୍ପଳ ଚଳେ ଢଳେ ଦୁଇ ଦିଗେ । (ର.ଲେ. ୫-୫-୮) କେବଳ ସୌନ୍ଦର୍ଯ୍ୟରେ ନାରୀକୁ ଶ୍ରେଷ୍ଠତା ପ୍ରଦାନ କରି ଚୁପ୍ ହୋଇ ବସି ଯାଇନଥିଲେ କବି ଉପେନ୍ଦ୍ର । ଏବେଠାରୁ ତିନିଶହ ବର୍ଷ ତଳେ ମଧ୍ୟ ସେ ନାରୀ ଶିକ୍ଷାର ମହତ୍ତ୍ୱ ବିଷୟରେ ଚିନ୍ତା କରିପାରିଥିଲେ । ସେ ଜାଣିଥିଲେ ଯେ ଶିକ୍ଷିତା ନହେଲେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ନାହିଁ ତେଣୁ ନିଜର କାବ୍ୟ ନାୟିକାମାନଙ୍କୁ ସେ ବିଭିନ୍ନ ବିଦ୍ୟାରେ ପାରଦର୍ଶୀ ବିଦ୍ୟା ସହିତ ସଂଗୀତ ଶାସ୍ତ୍ର, ନୃତ୍ୟ ଶାସ୍ତ୍ର, ଚିତ୍ରକଳା, ତନ୍ତ୍ର ବିଦ୍ୟା, ଜ୍ୟୋତିଷ ବିଦ୍ୟାରେ ମଧ୍ୟ ପାରଙ୍ଗମ କରାଇଛନ୍ତି ସେମାନଙ୍କୁ । କେବଳ କାବ୍ୟ ନାୟିକା ନୁହେଁ ସଖୀ ଓ ଦାସୀମାନଙ୍କୁ ମଧ୍ୟ ସେ ଶିକ୍ଷିତା କରାଇ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ପୁଣି ପୋଥିଗତ ବିଦ୍ୟାରେ ସନ୍ତୁଷ୍ଟ ହୋଇନାହାନ୍ତି କବି ଉପେନ୍ଦ୍ର । ବୁଦ୍ଧି ବଳରେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ଭାବି ସେ ନିଜ ରଚନାରେ ନାରୀ ଚରିତ୍ରମାନଙ୍କୁ ବିଦୁଷୀ, ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନା ଭାବରେ ଚିତ୍ରଣ କରିଛନ୍ତି । ନାରୀକୁ ପୁରୁଷର ସହକର୍ମୀ ଭାବେ ସମଭୂମିରେ ଅବସ୍ଥାପନ କରାଇଛନ୍ତି । ନାରୀମାନଙ୍କ ସମ୍ବନ୍ଧରେ ନିଜର ମନ୍ତବ୍ୟ ଦେଇ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି "ନାରୀରୁ ଅଧିକ ହୋଇନାହିଁ ତିନିପୁରୀ, ପରମ ପଦାର୍ଥ ଏକା ବୋଲି ସେ ନାରୀ ।" ଉପେନ୍ଦ୍ର ଭଞ୍ଜଙ୍କ କଳ୍ପନାର ନାରୀ ଆଜି ସେହି ସ୍ତରରେ ପହଞ୍ଚି ପାରିଛି । ଆମେ ଏବେ ନାରୀମାନଙ୍କୁ ଶିକ୍ଷା, କର୍ମକ୍ଷେତ୍ର, କଳା, ସାହିତ୍ୟ, ବିଜ୍ଞାନ, ରାଜନୀତି, କ୍ରୀଡ଼ା ଆଦି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ଦେଖିବାକୁ ପାଉଛୁ । ଏବେ ନାରୀମାନଙ୍କ ଅଧିକାର ସମ୍ପର୍କରେ ଦାବୀ କରାଯାଉଛି, ମହିଳା ସଶକ୍ତିକରଣ କଥା କୁହାଯାଉଛି କିନ୍ତୁ ତାହା ବହୁବର୍ଷ ପୂର୍ବେ ଦୂର ଦୃଷ୍ଟି ସମ୍ପନ୍ନ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ଦେଖିବାକୁ ମିଳିଥାଏ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ବିଲଙ୍କା ରାମାୟଣ


ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଭାରତୀୟ ସାଂସ୍କୃତିକ ଜୀବନରେ ପୁରାଣ ପାଠ ଓ ପୁରାଣ ଚର୍ଚ୍ଚା ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବା ଜଣାଯାଏ। ଭାରତର ସର୍ବତ୍ର ବେଦ, ବେଦାନ୍ତ, ଧର୍ମଶାସ୍ତ୍ର ତଥା ଗୀତା ସବୁ ପୁରାଣ ସମାନ ବୋଲି ବିବେଚିତ ହୁଏ। ପୁରାଣ ପ୍ରଚାର ହିନ୍ଦୁ ପାଇଁ ହିନ୍ଦୁର ଧର୍ମ ରୂପେ ସ୍ୱୀକୃତିପ୍ରାପ୍ତ ହୋଇଛି। ବୌଦ୍ଧ, ଜୈନ, ଶିଖ ସଂପ୍ରଦାୟର ଲୋକେ ମଧ୍ୟ ସ୍ୱଧର୍ମର ପ୍ରଚାର ପାଇଁ ପୁରାଣ ସାହିତ୍ୟର ଆଶ୍ରୟ ନେଇଛନ୍ତି। ପୌରାଣିକ ଧର୍ମ ସମାଜର ଧର୍ମରେ ପରିଣତ ହୋଇଛି। ବିଲାଙ୍କା ରାମାୟଣ କବି ସାରଳା ଦାସଙ୍କର ପ୍ରଥମ ପୁରାଣ। ପୁରାଣର ପଞ୍ଚ ମୌଳିକ ଲକ୍ଷଣ ଏ ପୁରାଣରେ ଅଂଶୀକୃତ ହୋଇନାହିଁ। ମାତ୍ର ବୈଦିକ ପରମ୍ପରା ଠାରୁ ଏହା ବିଚ୍ଛିନ୍ନ ନୁହେଁ ବୋଲି ପୁରାଣକାରମାନେ କହିଛନ୍ତି। ବେଦଶାସ୍ତ୍ର ନିନ୍ଦା କଲେ ମୃତ୍ୟୁ ନିକଟବର୍ତ୍ତୀ ହୁଏ ବୋଲି ମତ ଦେଇଛନ୍ତି। ସେହିପରି ବିଷ୍ଣୁ ନିନ୍ଦା କଲେ ମଧ୍ୟ ଅନୁରୂପ ଦଶା ଭୋଗ କରିବାକୁ ହୁଏ ବୋଲି କହିଛନ୍ତି। ବିଷ୍ଣୁ ଓ ବେଦର ସମର୍ଥନ କରି ବୈଦିକ ପରମ୍ପରା ଓ ବୈଷ୍ଣବ ଧର୍ମ ଦେବତାକୁ ଗୌରବାନ୍ୱିତ କରିଛନ୍ତି। କିନ୍ତୁ ବିଲଙ୍କା ରାମାୟଣ ଏକ ଶାକ୍ତ ରାମାୟଣ। ବଲଙ୍କାର ସହସ୍ର ଶିର ରାବଣ ସୀତାଙ୍କର ଉଲଗ୍ନ ତନୁ ଦର୍ଶନ କରି ବିନିଷ୍ଟ ହୋଇଥିଲା। ସୀତା ଯୁଦ୍ଧ ଯାତ୍ରା କରିବା ପୂର୍ବରୁ ମଙ୍ଗଳାଙ୍କୁ ସ୍ତୁତି କରି ଶକ୍ତିଭିକ୍ଷା କରିଛନ୍ତି ଓ ମଙ୍ଗଳା ତାହାଙ୍କୁ ଶକ୍ତି ଦେଇଛନ୍ତି। ସମଗ୍ର ପୁରାଣରେ ଶକ୍ତିଙ୍କର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରାଯାଇଛି। ରାମଚନ୍ଦ୍ର ମହାମାୟାଙ୍କଠାରେ ଶରଣ ଭିକ୍ଷା କରିଛନ୍ତି। ପୁରାଣର ବହୁସ୍ଥଳରେ ଶକ୍ତିଙ୍କ ବନ୍ଦନା କରାଯାଇଛି।

ଗ୍ରନ୍ଥର ପ୍ରାରମ୍ଭରେ ଶିବ, ପାର୍ବତୀ ଶ୍ରୀହରିଙ୍କର ବନ୍ଦନା କରି କବି ସାରଳାଙ୍କ କୃପାଭିକ୍ଷା କରିଛନ୍ତି। ଅତଏବ ଶୈବ ବୈଷ୍ଣବ ଦେବତାଙ୍କର ଗୌରବବର୍ଦ୍ଧନ କରିସ୍ଥା ସଙ୍ଗେ ସଙ୍ଗେ କବି ସ୍ୱ ସଂପ୍ରଦାୟର ଦେବତା ଶକ୍ତିଙ୍କର ମହତ୍ତ୍ୱ ଓ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ବିଲଙ୍କା ରାମାୟଣରେ କାଶୀ ବାରଣାସୀ ତୀର୍ଥର ସୂଚନା ଦିଆଯାଇଛି। ବିବିଧ ଜାତିର ତପସ୍ୟା, ହୋମର ବର୍ଣ୍ଣନା ଦିଆଯାଇଛି। ମନ୍ତ୍ର ଓ ଜପ ପ୍ରସଙ୍ଗ ଉଲ୍ଲେଖ କରାଯାଇଛି କେତେକ ପୁରାଣକାର କହିଛନ୍ତି ବହୁ ଯୁଦ୍ଧ ଓ ଯୁଦ୍ଧଯାତ୍ରା ପ୍ରସଙ୍ଗରେ ଏହି କ୍ଷୁଦ୍ର ପୁରାଣଟିର କଳେବର ଭରିଯାଇଛି ।ବିଲଙ୍କା ରାମାୟଣର ଏହି ସଂକ୍ଷିପ୍ତ ଅନୁଶୀଳନରୁ ଲକ୍ଷ୍ୟ କରାଯାଏ ଯେ ପଞ୍ଚ ଲକ୍ଷଣ ଏଥିରେ ଉପେକ୍ଷିତ। ବୈଦିକ ପରମ୍ପରାକୁ ସ୍ୱୀକାର କରାଯାଇଛି। ବୈଷ୍ଣବ ଓ ଶାକ୍ତ ସଂପ୍ରଦାୟର ମହତ୍ତ୍ୱ ପ୍ରକଟନ କରାଯାଇଛି। ଏ ପୁରାଣ ପାଠକଲେ ପୁତ୍ର ଓ ଚତୁଃବର୍ଗ ପ୍ରାପ୍ତ ହୁଏ ବୋଲି ପୁରାଣକାର କହିଛନ୍ତି। ପୁରାଣର ମୌଳିକ ପଞ୍ଚଲକ୍ଷଣ ତ୍ୟାଗ କରି ଏହି ପୁରାଣଟି ଲେଖାଯାଇଛି। ମୋଟାମୋଟି ଭାବେ ଚଣ୍ଡୀପୁରାଣ ପରି ବଲଙ୍କା ରାମାୟଣ ସଂସ୍କୃତ ପୁରାଣର ସଂପୂର୍ଣ୍ଣ ଅନୁସରଣ କରିନାହିଁ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯




## ବନ ସୁରକ୍ଷା କର୍ମୀଙ୍କ ପାଇଁ ଅଗ୍ନି ପରିଚାଳନା ତାଲିମ କାର୍ଯ୍ୟକ୍ରମ

ବଲାଙ୍ଗିର, (ପି.ଏନ): ନିକଟରେ ବଲାଙ୍ଗିର ବନ ବିଭାଗ ୪୮ଟି ବନ ସୁରକ୍ଷା କର୍ମୀଙ୍କ ପାଇଁ ଏଫଟିଏସ, ଜି.ଉଦୟଗିରିରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ସେମାନଙ୍କ କ୍ଷେତ୍ର ପରିଦର୍ଶନର ଏକ ଅଂଶ ଭାବରେ, ପ୍ରଶିକ୍ଷାର୍ଥୀ ମାନଙ୍କୁ ବଲାଙ୍ଗିର ବନ ବିଭାଗରେ ଗ୍ରହଣ କରାଯାଇଥିବା ବନ ଅଗ୍ନି ପରିଚାଳନା ଏବଂ ଆଂଟି-ଡିପ୍ରେଡେସନ୍ କାର୍ଯ୍ୟକଳାପର ସର୍ବୋତମ ଅଭ୍ୟାସ ଉପରେ ତାଲିମ ଦିଆଯାଇଥିଲା। ଜଙ୍ଗଲ ଅପରାଧ ନିୟମ ଚିହ୍ନଟ ପାଇଁ ଓଡ଼ିଶା ପୁରସ୍କାର ଅଧୀନରେ ଫିଲ୍ଡ କର୍ମଚାରୀ ଏବଂ ସୂଚନାଦାତାଙ୍କୁ ପୁରସ୍କାର ପ୍ରଦାନ, ୨୦୦୪, ଫାୟାର ପଏଣ୍ଟ ଗୁଡ଼ିକର ଜି ଆଇ ଏସ ବିଶ୍ଲେଷଣ ଏବଂ ପ୍ରାକୃତିକ ରାସ୍ତା, ଫୁଟପାଥ୍ ଏବଂ ନାଳକୁ ବାଦ ଦେଇ ଫାୟାରଲାଇନ୍ ସୃଷ୍ଟି ଏବଂ ଆଖପାଖ ଗାଁର ଚିହ୍ନଟ ଏବଂ ଗୁରୁତର ଫରେଷ୍ଟ ବ୍ଲକ ଗୁଡିକ ଜିତେନ୍ଦ୍ର ସାହୁ, ଏସିଏଫ ବ୍ୟାଖ୍ୟା କରିଛନ୍ତି। ନୀତୀଶ କୁମାର, ଆଇଏଫଏସ, ଡିଏଫଓ ବଲାଙ୍ଗିର ନାସା ସର୍ଭରରୁ ସିଧାସଳଖ ଫାୟାରପଏଣ୍ଟ ସଂଗ୍ରହ ଏବଂ ଜିଆଇଏସ ସେଲ, ବଲାଙ୍ଗିର ଫରେଷ୍ଟ ଡିଭିଜନରେ ପ୍ରକ୍ରିୟାକରଣ, ବିଭିନ୍ନ ପ୍ରକାରର ଡ୍ରୋନ୍ ଉପରେ ତାଲିମ, ଡ୍ରୋନ୍ ଦ୍ୱାରା ଏହାର ବ୍ୟବହାର ଏବଂ ଟପୋଗ୍ରାଫିକ୍ ସର୍ଭେ ଉପରେ ତାଲିମ ପ୍ରଦାନ କରିଥିଲେ ଏବଂ ତାଙ୍କର ସମୃଦ୍ଧ ଅଭିଜ୍ଞତା ବାଂଟିଥିଲେ ଏବଂ ପ୍ରଶିକ୍ଷାର୍ଥୀମାନଙ୍କୁ ଜ୍ଞାନ, ସେମାନଙ୍କର ଭବିଷ୍ୟତ ବୃତି ପାଇଁ ମାର୍ଗଦର୍ଶନ କରିଥିଲେ। ପ୍ରଶିକ୍ଷାର୍ଥୀମାନେ ବଲାଙ୍ଗିର ସହର ନିକଟରେ ଥିବା ଭୀମଡୁଙ୍ଗୁରୀ ଇକୋ-ଟୁରିଜିମ୍ ସ୍ଥାନ ଅନୁସନ୍ଧାନ କରିଥିଲେ। ସେମାନେ ହରିଶଙ୍କର ହରିଣ ପାର୍କ ପରିଦର୍ଶନ କରି ମିନି ପ୍ରାଣୀ ଉଦ୍ୟାନ ପରିଚାଳନାରେ ଗ୍ରହଣ କରାଯାଇଥିବା ବିଭିନ୍ନ ପରିଚାଳନା ଅଭ୍ୟାସ ବିଷୟରେ ମଧ୍ୟ ଜାଣିଥିଲେ। ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ବିଭିନ୍ନ ବନ୍ୟ ଔଷଧୀୟ ଉଦ୍ଭିଦ ଚିହ୍ନଟ, ଏହାର ଔଷଧୀୟ ମୂଲ୍ୟ ଏବଂ ନର୍ସରୀ ଅଧୀନରେ ବିସ୍ତାର ପ୍ରଣାଳୀ ଉପରେ ମଧ୍ୟ ସଂକ୍ଷିପ୍ତ ତାଲିମ ଦିଆଯାଇଥିଲା। ଫିଲ୍ଡ ପରିଦର୍ଶନକୁ ସଫଳତାର ସହ ସମାପ୍ତ କରିଥିବାରୁ ଡିଏଫଓ ବଲାଙ୍ଗିର ସେମାନଙ୍କୁ ପ୍ରଶଂସା କରିଥିଲେ ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ।

## ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି । ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢ଼ିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ପିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢ଼ିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର । ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି । ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଉଛି । ମେଡ଼ିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ କାମ ଜୁନ ୨୦୨୩ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି । ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ରେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦ୍ଧାରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନଓ୍ୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନଓ୍ୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନଓ୍ୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ଥରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

### ଆଦିବାସୀଙ୍କ ରୋଷେଇ ଘରେ ଟୋଲା ତେଲ

ମାଲକାନଗିରି, (ପି.ଏନ): ଜଙ୍ଗଲ ଜାତ ଦ୍ରବ୍ୟ ହେଉଛି ଟୋଲା। ଆଦିବାସୀ ସମ୍ପ୍ରଦାୟର ମହିଳା ମାନେ ବଜାରରେ ମିଳୁଥିବା ବିଭିନ୍ନ ନାମି ଦାମୀ କମ୍ପାନୀର ତେଲକୁ ନିଜ ଘରେ ରୋଷେଇ ପାଇଁ ବ୍ୟବହାର କରିବା ପରିବର୍ତ୍ତେ ଟୋଲାରୁ ପ୍ରସ୍ତୁତ ତେଲକୁ ରୋଷେଇରେ ବ୍ୟବହାର କରିବାକୁ ଅଧିକ ପସନ୍ଦ କରିଥାନ୍ତି ।ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଂଚଳରେ ବସବାସ କରୁଥିବା ଆଦିବାସୀମାନେ ବ୍ୟବହାର କରନ୍ତି ଏହି ଟୋଲା ତେଲ । ମହୁଲ ଗଛରୁ ଟୋଲା ସଂଗ୍ରହ କରି ଆଣି ଏହାକୁ ପ୍ରକ୍ରିୟାକରଣ ପରେ ଏହାକୁ ବର୍ଷ ତମାମ ବ୍ୟବହାର କରନ୍ତି ଆଦିବାସୀ। ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ ତେଲ ଭଳି ଟୋଲା ତେଲରେ ସମାନ ସ୍ୱାଦିଷ୍ଟ ରହିଥାଏ ବୋଲି ଆଦିବାସୀ ମହିଳାମାନେ କହନ୍ତି। ସେମାନଙ୍କ ଜମିରେ ମହୁଲ ଗଛ ଥାଏ। ସେଥିରୁ ସେମାନେ ମହୁଲ ଫୁଲ ଓ ଟୋଲା ସଂଗ୍ରହ କରିଥାନ୍ତି। ଏହି ଟୋଲାକୁ ଆଣି ଖରାରେ ଶୁଖାଇ ପରେ ମିଲକୁ ନେଇ ପେଡି ତେଲ ବାହାର କରନ୍ତି। ନିଜ ଚଳିବାକୁ ସେମାନେ ବର୍ଷସାରା ପାଇଁ ୨୦/୨୫ ଲିଟର ତେଲ ସଂଚୟ କରି ରଖି ଦେଇଥାନ୍ତି। ଯଦି କିଛି ତେଲ ବଳେ ତେବେ ତାହାକୁ ବିକ୍ରି କରିଥାନ୍ତି।

## କ୍ରୀଡାବିତ୍ ତଥା କ୍ରୀଡା ସଂଗଠକ ଶେଖ ଆୟୁବ ମୁଶରଫଙ୍କ ବିୟୋଗ

ବଲାଙ୍ଗିର, (ପି.ଏନ): ବିଶିଷ୍ଟ କ୍ରିଡାବିତ୍ ତଥା କ୍ରିଡା ସଂଗଠକ ଶେଖ ଆୟୁବ ମୁଶରଫଙ୍କ କ୍ୟାନସର ରୋଗଜନିତ ମୃତ୍ୟୁ ହୋଇଯାଇଛି । ଗତକାଲି ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱର୍ଗତ ମୁଶରଫଙ୍କୁ ମୃତ୍ୟୁ ବେଳକୁ ୬୮ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ମୁଶରଫ ଜଣେ ଆଗଧାଡିର ଫୁଟବଲ ଖେଳାଳି ଥିବା ସହ ରାଜ୍ୟ ସ୍ତରୀୟ ରେଫରି ଭାବରେ ଦିର୍ଘ ଦିନ ଧରି କ୍ରିଡା କ୍ଷେତ୍ରରେ ସେବା ଯୋଗାଇ ଆସିଥିଲେ । ସେ ଜଣେ କ୍ରୀଡା ସଂଗଠକ ଭାବରେ ମଧ ବେଶ୍ ଜଣାଶୁଣା ଥିଲେ । ଜିଲ୍ଲା କ୍ରୀଡା ସଂସଦର ସଂପାଦକ ଭାବରେ ଦିର୍ଘ ଦିନ ଧରି କାର୍ଯ୍ୟ ତୁଲାଇବା ସହ ରାଜ୍ୟ କ୍ରୀଡା ସଂଗଠନର ମଧ ଉପସଭାପତି ଭାବେ କାର୍ଯ୍ୟ ତୁଲାଇ ଆସିଥିଲେ । ସେ ବଲାଙ୍ଗିର ସୁନ୍ନି ସଦର ମସଜିଦର ସଂପାଦକ ଥିଲେ । ତାଙ୍କ ବିୟୋଗରେ ଜିଲ୍ଲା ତଥା ରାଜ୍ୟ କ୍ରୀଡା ଜଗତରେ ଏକ ଶୁନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ରାଜ୍ୟ ଫୁଟବଲ ଖେଳାଳି ତଥା ପୂର୍ବତନ ସାଂସଦ ତଥା ପିସିସି ସଭାପତି ଶରତ ପଟ୍ଟନାୟକ ତାଙ୍କ ଶୋକ ବାର୍ତାରେ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସମାଜସେବୀ ବିକ୍ରମାନନ୍ଦ ବହିଦାର, ପୂର୍ବତନ ନଗରପାଳ ପ୍ରଦୀପ ସାହୁ, ବରିଷ୍ଠ ନେତା ଭଗବାନ ବର୍ଗତି, ଏଆଇସିସି ସଭ୍ୟ ବିଧୁ ଭୂଷଣ ତ୍ରିପାଠୀ, ସୁନ୍ନି ସଦର ମସଜିଦର ସଂପାଦକ ଶେଖ୍ ଜାବେଦ୍ ଇକବାଲ, ଯୁବନେତା ଅବଦୁଲ ରଜାକ, ମଦନ ମୋହନ ରଥ, ପ୍ରମୋଦ ସାହୁ, ପୂର୍ବତନ ଫୁଟବଲ ଖେଳାଳି ଅବଦୁଲ ମୁଜିବ ପ୍ରମୁଖ ଗଭିର ଶୋକ ପ୍ରକାଶ କରିଛନ୍ତି ।

## ଜି-୨୦ ସମୀକ୍ଷକଙ୍କ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ

ମାଲକାନଗିରି, (ପି.ଏନ): ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟକୁ ଆଜି ଜି-୨୦ ସମୀକ୍ଷକ ଇନ୍ଦିରା ଠାକୁର (ମ୍ୟାନେଜର, ଜାତୀୟ କୌଶଳ ବିକାଶ ନିଗମ) ଓ ଶୁଭଶ୍ରୀ ସାହୁ (ମହାତ୍ମା ଗାନ୍ଧୀ ଜାତୀୟ ଫେଲୋ) ପରିଦର୍ଶନ କରିଥିଲେ। ସ୍ଥାନୀୟ ନୋଡାଲ ଅଫିସର ଡଃ. ରଞ୍ଜନ କୁମାର ସ୍ୱାଇଁ ଏହି ପରିଦର୍ଶନରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରାଚାର୍ଯ୍ୟ ଇକରାର ଅହମ୍ମଦ ମୁଖ୍ୟ ଅତିଥି ରୂପେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜି-୨୦ ଉପରେ ଆଲୋକପାତ ନିମନ୍ତେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଏକ ପୃଥିବୀ, ଏକ ପରିବାର ଓ ଏକ ଭବିଷ୍ୟତର ପରିକଳ୍ପନା କରି ବସୁଧୈବ କୁଟୁମ୍ବକଂ ଉପରେ ଆଲୋକପାତ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅତି ଉତ୍ସାହରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଭି. ଜ୍ୟୋତି ପ୍ରକାଶ ପରିଚାଳନା କରିଥିଲେ ଓ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ମାନେ ଏଥିରେ ସହଯୋଗ କରିଥିଲେ।

## ୫୫ ବସ୍ତା ମହୁଲ ଫୁଲ ସହ ମିନି ଟ୍ରକ୍ ଜବତ : ଡ୍ରାଇଭର ଗିରଫ

ମାଲକାନଗିରି, ୧୩।୪(ପି.ଏନ) ମାଲକାନଗିରି ଜିଲ୍ଲାପାଳ ବିଶାଲ ସିଂ ଓ ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ମାଥିଲି ଅବକାରୀ ଥାନା କର୍ମଚାରୀ ମାନେ କିଆଙ୍ଗ ନଦୀ ନିକଟରେ ଛତିଶଗଡ ରାଜ୍ୟକୁ ଯାଉଥିବା ରାସ୍ତାରେ ଆଜି ପେଟ୍ରୋଲିଙ୍ଗ କରୁଥିବା ସମୟରେ, ଏକ ଟାଟା ମିନି ଟ୍ରକ ନମ୍ବର ଓଆର ୩୦-୨୦୬୯ ଆସୁଥିବା ଦେଖି ଅଟକାଇ ଯାଂଚ୍ କରିବାରୁ ସେଥିରେ ୫୫ ବସ୍ତା ମହୁଲ ଫୁଲ ଥିବା ଦେଖିବାକୁ ପାଇଥିଲେ। ଗାଡିକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି ମାଥିଲି ଆଣିଥିଲେ। ଗିରଫ ଡ୍ରାଇଭର ମାଥିଲି ଉପର ସାହିର ସୁରେଶ ପୂଜାରୀଙ୍କୁ ଅବକାରୀ ଧାରା ୫୨ (୯ )-ରେ କୋର୍ଟଚାଲାଣ କରାଯାଇଛି। ୫୫ଟି ବସ୍ତାରେ ମୋଟ୍ ୧୯ କ୍ୱିଂଟାଲ ୨୫ କେଜି ମହୁଲ ରହିଥିଲା ।ଏହି ଚଢ଼ାଉରେ ମାଲକାନଗିରି ଅବକାରୀ ନିରୀକ୍ଷକ ଉଦୟ ଲାଲ ନାୟକ, ମାଥିଲି ଅବକାରୀ ଥାନା ଓଆଇସି ରବୀନ୍ଦ୍ର ନାଥ ପ୍ରଧାନ, ଏଏସଆଇ ପ୍ରଦିନ ନାୟକ, ଜେମ୍ସ ମାଲକୁମ ସାହୁ, ସୁରେନ୍ଦ୍ର ମାଢି ଓ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।




# ଜ୍ଞାନପୀଠ ବିଜେତା ପ୍ରଥମ ହିନ୍ଦୀ କବି: ସୁମିତ୍ରାନନ୍ଦନ ପନ୍ତ



ଜ୍ଞାନପୀଠ ପୁରସ୍କାର ପାଇଥିବା ପ୍ରଥମ ହିନ୍ଦୀ କବି ହେଉଛନ୍ତି ସୁମିତ୍ରାନନ୍ଦନ ପନ୍ତ। ୧୯୬୮ ମସିହାରେ ତାଙ୍କୁ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ଆଧୁନିକ ହିନ୍ଦୀ ସାହିତ୍ୟ ଜଗତର ଅନ୍ୟତମ ପ୍ରସିଦ୍ଧ କବି। ସେ ସାଂସ୍କୃତିକ ହିନ୍ଦୀରେ କବିତା ଲେଖୁଥିଲେ। ଯାହାକି ଥିଲା ସର୍ବକାଳୀନ ସାରସ୍ୱତ ସାଧକମାନଙ୍କ ଭିତରେ ଅନନ୍ୟ ସ୍ୱତନ୍ତ୍ରତା। ସୁମିତ୍ରାନନ୍ଦନ ହିନ୍ଦୀ ସାହିତ୍ୟର ଛାୟାବତୀ ଯୁଗର ଶ୍ରେଷ୍ଠ ଚାରି ସାହିତ୍ୟିକଙ୍କ ମଧ୍ୟରେ ଜଣେ। ଅନ୍ୟମାନେ ଥିଲେ ଜୟଶଙ୍କର ପ୍ରସାଦ, ମହାଦେବୀ ବର୍ମା ଓ ସୂର୍ଯ୍ୟକାନ୍ତ ତ୍ରିପାଠୀ, ନିରାଲା। ଛାୟାବାଦକୁ ସବୁଜବାଦୀ ହିନ୍ଦୀ ସାହିତ୍ୟର ଚାରି ସ୍ତମ୍ଭ ମଧ୍ୟରୁ ଗୋଟିଏ ଭାବେ ଧରାଯାଏ। ସୁମିତ୍ରାନନ୍ଦନ, ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଦ୍ୱାରା ଗଭୀର ଭାବେ ପ୍ରଭାବିତ ଥିଲେ। ଶ୍ରୀଅରବିନ୍ଦଙ୍କ ଜୀବନୀ ଓ ଦର୍ଶନ ଉପରେ ସେ କିଛି ପୁସ୍ତକ ମଧ୍ୟ ରଚନା କରିଛନ୍ତି। ଯାହାକି ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଶ୍ରିତମାନଙ୍କ ଭିତରେ ଅନେକ ଲୋକାଦୃତ ପାଇଛି। ତାଙ୍କ କବିତାଗୁଡ଼ିକରେ ପ୍ରଗତିଶୀଳ ମାନବବାଦର ଝଲକ ଦେଖିବାକୁ ମିଳେ। କେହି କେହି ତାଙ୍କୁ ସମାଜବାଦୀ ମଧ୍ୟ କହନ୍ତି। ତାଙ୍କ ରଚନାରେ ସମାଜବାଦ ଭିତରେ ସଂହତି ପ୍ରତିଷ୍ଠା ଓ ଭବଚେତନାର ଭିନ୍ନ ଦିଗନ୍ତ ପରିସ୍ଫୁଟିତ ହୋଇଥାଏ। ଚିଦଂବରା କବିତା ସଂକଳନକୁ ତାଙ୍କର ଶ୍ରେଷ୍ଠକୃତି କୁହାଯାଏ। ଲୋକାୟତନ ପାଇଁ ସୋଭିଏତ୍ ରସିଆ ସରକାର ତାଙ୍କୁ ନେହରୁ ଶାନ୍ତି ପୁରସ୍କାର ପ୍ରଦାନ କରିଥିଲା। କାଲା ଔର ବୂଢ଼ା ଚାଁଦ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। ମୂଳତଃ ସେ ହିନ୍ଦୀରେ କବିତା ଲେଖୁଥିଲେ କିନ୍ତୁ ଭାରତର ଅନେକ ଆଞ୍ଚଳିକ ଭାଷାରେ ଏହା ଅନୁଦିତ ହୋଇ ପାଠକ ମାନଙ୍କ ଦ୍ୱାରା ଆଦୃତି ଲାଭ କରିଥିଲା। ସେ ତତ୍କାଳୀନ ସମୟର କିଛି ହିନ୍ଦୀ ଖବର କାଗଜରେ ତାଙ୍କର ନିୟମିତ କବିତା ପ୍ରକାଶ ପାଇଁ ଦେଉଥିଲେ। ଭାରତ ସରକାର, ତାଙ୍କୁ ପଦ୍ମ ବିଭୂଷଣରେ ସମ୍ମାନିତ କରିଥିଲେ। ଆଇଆଇଟି ରୁଡ଼କୀର କୁଳଗୀତ ଜୟନ୍ତୀ ଜୟତୀ ବିଦ୍ୟା ସଂସ୍ଥାନ ସେ ରଚନା କରିଥିଲେ। ୧୯୦୦ ମେ ୨୦ ତାରିଖରେ ଉତ୍ତରାଖଣ୍ଡ ଅନ୍ତର୍ଗତ ଅଲ୍‌ମୋଡ଼ା ଜିଲ୍ଲାର କୌସାନୀରେ ସେ ଜନ୍ମ ହୋଇଥିଲେ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨, E-mail: badal009bhuyan@gmail.com

## ଖୁ ।ପଡା ଠାରେ ଗୀତାଯଜ୍ଞ ଓ ଶ୍ରୀମଦ୍ ଭାଗବତ ପାରାୟଣ

ଗୋଳାବନ୍ଧ (ପିଏନ୍):ଘଟଗାଁ ବ୍ଲକ ଅନ୍ତର୍ଗତ ପଇଦାପାଟଣା ପଂଚାୟତ ଖୁ ।ପଡାଠାରେ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀରେ ଗୀତାଯଜ୍ଞ ଓ ଶ୍ରୀମଦ୍ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗତ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଭବ୍ୟ କଳସ ଯାତ୍ରା ସହିତ ଭାଗବତ ପରାୟଣ, ନାମ ସଂକୀ ର୍ନ, ହୋମ, ଯଜ୍ଞ, ପୂଜାପାଠ ହୋଇଥିବା ବେଳେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଶହ ଶହ ଭାଗବତ ପ୍ରେମୀ ଶ୍ରଦ୍ଧାଳୁ ଭକ୍ତମାନେ ଠାକୁରଙ୍କ ଅମୃତ ବାଣୀକୁ ଶ୍ରବଣ କରୁଥିଲେ। ହରିବୋଲ, ହୁଳହୁଳି, ଘ ।, ଘ ଶବ୍ଦରେ ପରିବେଶ ଭକ୍ତି ଭାବମୟ ହୋଇ ଉଠିଥିଲା। ଷଷ୍ଠ ଦିନରେ ଠାକୁରଙ୍କ ବଣଭୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନିମନ୍ତ୍ରିତ କରାଯାଇଥିଲା। ନୃସିଂହ ନାରାୟଣ ସତ୍‌ସଂଗର ସଭ୍ୟମାନେ ଭଜନ କୀ ର୍ନ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ୟୋକ୍ତା ଜୟଦେବ ପଣ୍ଡା ସବୁ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ଭାଗବତ ନାଏକ, ବଳଭଦ୍ର ନାୟକ, ପ୍ରମୋଦ ନାଏକ, ଭୀଷ୍ମସେନ୍ ନାଏକ, ସୁକାନ୍ତୀ ନାଏକ, ଭଗବାନ ସିଂ, ବସନ୍ତ ନାଏକ, ଜଗତା ନାଏକ, ପ୍ରଦୀପ କୁମାର ଷଡଙ୍ଗୀଙ୍କ ସହ ଖୁ ।ପଡା ବ୍ରାହ୍ମଣ ସମାଜର ବରିଷ୍ଠ ବ୍ୟକ୍ତିମାନେ।

## ବାଲେଶ୍ୱରରେ ଏକ ଇଏସଆଇ ଡାକ୍ତରଖାନା ପାଇଁ ପ୍ରତାପ ଷଡ଼ଙ୍ଗୀଙ୍କ ପତ୍ର

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଏକ ଶିଳ୍ପ ବହୁଳ ଅ ଳ ହୋଇଥିଲେ ହେଁ ଏଠାରେ ଗୋଟିଏ ଇଏସଆଇ ଡାକ୍ତରଖାନା ନ ଥିବା ହେତୁ ଶ୍ରମିକ ମାନଙ୍କର ଜରୁରୀ ଚିକିତ୍ସା ପାଇଁ ବହାରକୁ ଯିବାକୁ ପଡୁଅଛି। ଏ ବିଷୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପୂର୍ବରୁ ଅନେକ ଥର ପତ୍ରାଚାର କରିଥିଲେ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗତକାଲି ମାନ୍ୟବର କେନ୍ଦ୍ର ଶ୍ରମ ଓ ନିଯୁକ୍ତି ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବ ର୍ନ ମନ୍ତ୍ରୀ ଶ୍ରୀଯୁକ୍ତ ଭୂପେନ୍ଦ୍ର ଯାଦବଙ୍କୁ ଭେଟି ଇଏସଆଇ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ପତ୍ର ଦେବା ସହିତ ଆଲୋଚନା କରିଛନ୍ତି। ମାନ୍ୟବର ମନ୍ତ୍ରୀ ସଙ୍ଗେ ସଙ୍ଗେ ବିଭାଗୀୟ ଅଧିକାରୀ ମାନଙ୍କୁ ଶୀଘ୍ର ଏହି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ କୋଣାର୍କରେ ଜଳ ସେବା କେନ୍ଦ୍ର



କୋଣାର୍କ (ପିଏନ୍): ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ପଥଚାରୀମାନଙ୍କ ତୃଷା ମେ ।ଇବା ନିମନ୍ତେ ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ଶନିବାର ଠାରୁ ଆରମ୍ଭ ହୋଇଛି ଜଳ ସେବା କେନ୍ଦ୍ର। ପୁରୀ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଜଳ ସେବା କେନ୍ଦ୍ରକୁ କୋଣାର୍କ ବିଜ୍ଞାପିତ ଅ ଳ ପରିଷଦର ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ଶୁଭାରମ୍ଭ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବିନ୍ଦ୍ରନାଥ ବାହାନିପତି, ସମାଜସେବୀ ରାଜକିଶୋର ମହାପାତ୍ର, ଯୋଗଗୁରୁ ବାମଦେବ ଆଲୁକ, ଶାରିରୀକ ଶିକ୍ଷାଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ପ୍ରବଳ ଖରାରୁ ପଥଚାରୀମାନଙ୍କ ତୃଷା ମେ ।ଇବା ପାଇଁ ଏହି ଜଳସେବା କେନ୍ଦ୍ରରେ ଥଣ୍ଡା ପାଣି, ଦହି ସର୍ବତ, ଲେମ୍ବୁ ପାଣି, ଅଭଡା ତୋରାଣୀ, ସୁମିଷ୍ଟ ବେଲପଣା ପଥଚାରୀମାନଙ୍କୁ ଭାରତ ସ୍କାଉଟ୍ ଓ ଗାଇଡ୍‌ର ଛାତ୍ରଛାତ୍ରୀମାନେ ଯୋଗାଇ



ଦେଉଥିବା ବେଳେ ବିବେକାନ୍ଧ ଶିକ୍ଷା କେନ୍ଦ୍ରର କ୍ରୀଡା ଶିକ୍ଷକ ସଦାଶିବ ମିଶ୍ର, ଆ ର୍ତ୍ତ୍ରାଣ କା ର୍କେଶ୍ୱର ବିଦ୍ୟାପୀଠର ଶିକ୍ଷକ ମାନସ କୁମାର ମୁଦୁଲି, ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଶିକ୍ଷକ ସୂର୍ଯ୍ୟନାରାୟଣ ମିଶ୍ର, କୋଟିଲେଶ୍ୱର ଉଚ୍ଚ ବିଦ୍ୟାଳୟର ସ୍କାଉଟ ଶିକ୍ଷକ ଅଭିମନ୍ୟୁ ଆର୍କା ଓ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଏବଂ ସମାଜସେବୀ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ସେବାକେନ୍ଦ୍ର ପରିଚାଳନା କରୁଛନ୍ତି। ଆଗାମୀ ଦିନମାନଙ୍କରେ କୋଣାର୍କର ବିଭିନ୍ନ ସ୍ଥାନରେ ଜଳସେବା କେନ୍ଦ୍ର ଖୋଲାଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହି ଜଳସେବା କେନ୍ଦ୍ର ଗ୍ରୀଷ୍ମ ଋତୁ ଶେଷ ହେବା ପର୍ଯ୍ୟନ୍ତ ଚାଲୁରହିବ ବୋଲି ଭାରତ ସ୍କାଉଟ୍ ଓ ଗାଇଡ୍‌ର ନୋଡାଲ ଶିକ୍ଷକ ରାମକୃଷ୍ଣ ମହାନ୍ତି ସୂଚନା ଦେଇଛନ୍ତି। ଏହି ଜଳ ସେବା କେନ୍ଦ୍ରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର, ସରକାରୀ ଉଚ୍ଚ ବିଦ୍ୟାଳୟ, କୋଟିଲେଶ୍ୱର ଉଚ୍ଚ ବିଦ୍ୟାଳୟ, ଆ ର୍ତ୍ତ୍ରାଣ କା ର୍କେଶ୍ୱର ବିଦ୍ୟାପୀଠର ଛାତ୍ରଛାତ୍ରୀମାନେ ସାମିଲ ହୋଇ ତୃଷା ର୍ତ୍ତ ପଥଚାରୀଙ୍କ ତୃଷା ମେ ।ଉଛନ୍ତି।

# ଯୁଗ୍ମ ଶ୍ରମ କମିଶନରଙ୍କୁ କଂଗ୍ରେସ ପ୍ରତିନିଧି ଦଳର ସାକ୍ଷାତ ଓ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା

ରାଉରକେଲା (ପିଏନ୍): ଗତ କିଛିଦିନ ତଳେ ରାଉରକେଲାରେ ନୂତନ ଯୁଗ୍ମ ଶ୍ରମ କମିଶନର ଭାବେ ଯୋଗଦାନ କରିଥିବା ପ୍ରଣବ ରଂଜନ ଜେନାଙ୍କୁ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ରାଉରକେଲା ସହର ତଥା ପାର୍ଶ୍ୱବ ର୍ତ୍ତୀ ଅ ଳରେ କାର୍ଯ୍ୟରତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଜିଲ୍ଲା କଂଗ୍ରେସର ପ୍ରତିନିଧିମାନେ ଉଦିତନଗର ସ୍ଥିତ ଶ୍ରମ ବିଭାଗ କାର୍ଯ୍ୟାଳୟରେ ପହ ୍ଚି ଶ୍ରୀ ଜେନାଙ୍କୁ ସ୍ୱାଗତ କରିବା ସହିତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି କାର୍ଯ୍ୟାନୁଷ୍ଠାନ ଆଶା କରିଥିଲେ। ସମ୍ପ୍ରତି ରାଉରକେଲା ସ୍ମାର୍ଟସିଟି, ସ୍ୱରେଜ୍ ବୋର୍ଡର ପ୍ଲା ପ୍ରକଳ୍ପ ଏବଂ ଇଡ୍‌କୋ ତରଫରୁ ନିର୍ମାଣ ଚାଲିଥିବା ହକି ଷ୍ଟାଡିୟମ ଇତ୍ୟାଦି କାର୍ଯ୍ୟରେ ସ୍ଥାନୀୟ ଶ୍ରମିକ କର୍ମଚାରୀଙ୍କୁ ଉପେକ୍ଷା କରାଯାଇ ଏହି କାର୍ଯ୍ୟର ଠିକା ନେଇଥିବା କମ୍ପାନୀମାନେ ରାଜ୍ୟ ବାହାରୁ ଶ୍ରମିକ କର୍ମଚାରୀ ଆଣି ନିୟୋଜିତ କରୁଥିବା କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ। ଯେଉଁ କିଛି ସ୍ଥାନୀୟ ଲୋକଙ୍କୁ ଏସବୁ ପ୍ରକଳ୍ପରେ ନିଯୁକ୍ତି ମିଳିଛି ସେମାନଙ୍କୁ ଉଚିତ୍ ସର୍ବନିମ୍ନ ମଜୁରୀ ଦିଆଯାଉନାହିଁ କି ପିଏଫ୍ ଓ ଇଏସ୍ଆଇ ସୁବିଧାରେ ଅନ୍ତର୍ଭୁକ୍ତ କରାଯାଉନାହିଁ। ବାରମ୍ବାର ଦାବି କରିବା ସ େ୍ୱ ଶ୍ରମିକ କର୍ମଚାରୀମାନଙ୍କୁ ସମ୍ପୃକ୍ତ କମ୍ପାନୀ ଗୁଡ଼ିକ ମାସିକ ମଜୁରୀ ପୈଠ ଚିଠା ପ୍ରଦାନ କରୁନାହାଁନ୍ତି। ଶ୍ରମିକମାନଙ୍କୁ ସେମାନେ ଯେଉଁ ଠକେଇ ଓ ଶୋଷଣ କରୁଛନ୍ତି ତାହା ଧରାପଡିବା ଭୟରେ ମଜୁରୀ ପୈଠ ଚିଠା ଶ୍ରମିକମାନଙ୍କୁ ପ୍ରଦାନ କରୁନାହାଁନ୍ତି ବୋଲି କଂଗ୍ରେସ ପ୍ରତିନିଧି ଦଳ ଅଭିଯୋଗ କରିଥିଲେ। ସ୍ମାର୍ଟସିଟି ପ୍ରକଳ୍ପରେ କାମ କରୁଥିବା ରାଜ୍ୟ ବାହାରର ବିଭିନ୍ନ କମ୍ପାନୀ ସମେତ ସ୍ୱରେଜ୍ ବୋର୍ଡ ଓ ଇଡ୍‌କୋରେ କାମ କରୁଥିବା ଏଲ୍ଆଣ୍ଡଟି କମ୍ପାନୀ ସ୍ଥାନୀୟ ଶ୍ରମ ବିଭାଗରୁ ଏସବୁ ପ୍ରକଳ୍ପରେ କେତେ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ଅନୁମତି ନେଇଛନ୍ତି ଏବଂ ନିଯୁକ୍ତି ଦେଇଥିବା ଲୋକଙ୍କ ମଧ୍ୟରୁ କେତେ ସ୍ଥାନୀୟ ଲୋକ ଓ କେତେ ବାହାର ଲୋକ ଅଛନ୍ତି ସେ ବାବଦରେ ଶ୍ରମ ବିଭାଗ ଆବଶ୍ୟକୀୟ ତଦନ୍ତ କରି ସାଧାରଣରେ ସ୍ପଷ୍ଟ କରିବାକୁ କଂଗ୍ରେସ ନେତୃବୃନ୍ଦ ଦାବି କରିଥିଲେ। ସମ୍ପ୍ରତି ସ୍ୱରେଜ୍ ପ୍ଲା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କରିନଥିବା ବେଳେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଏଲ୍ଆଣ୍ଡଟି କମ୍ପାନୀ ଏକ ତୃତୀୟ ପକ୍ଷ ସଂସ୍ଥାକୁ ନିଯୁକ୍ତି ଦେଇଛି ଯେଉଁ ସଂସ୍ଥା କି ୫ ବର୍ଷ ପାଇଁ କରିବାକୁ ଥିବା ଏଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ କାମ ପାଇଁ ରାଜ୍ୟ ବାହାରର ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ନିଯୁକ୍ତି ଦେଇଛି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରି ଯୁଗ୍ମ ଶ୍ରମ ଆୟୁକ୍ତ ଏହାର ତଦନ୍ତ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ସେହିପରି ରାଉରକେଲା ମ୍ୟୁନିସିପାଲିଟି କର୍ପୋରେସନ ଏକ ସରକାରୀ ସଂସ୍ଥା ହୋଇଥିଲେ ହେଁ ଏ ସଂସ୍ଥାରେ ଠିକାଦାରଙ୍କ ଅଧିନରେ ଆବର୍ଜନା ପରିବହନରେ ବ୍ୟବହୃତ ଚଳାଉଥିବା ଗାଡିର ଡ୍ରାଇଭରମାନଙ୍କୁ ସର୍ବନିମ୍ନ ମଜୁରୀ ମିଳୁନାହିଁ ବୋଲି ପ୍ରତିନିଧି ଦଳ ଅଭିଯୋଗ କରି ଏ ବାବଦରେ ଶ୍ରମ ବିଭାଗ ଆବଶ୍ୟକୀୟ ତଦନ୍ତ କରିବାକୁ ଦାବି କରିଥିଲେ। ସମ୍ପ୍ରତି ଅନେକ ନିର୍ମାଣ ଶ୍ରମିକ ପଂଜିକୃତ ହୋଇଥିଲେହେଁ ଅଦ୍ୟାବଧି ସେମାନେ ପାଇନଥିବା ସାଇକେଲ୍ ଓ ଯନ୍ତ୍ରପାତି ଇତ୍ୟାଦି ତୁରନ୍ତ ଯୋଗାଇ ଦେବା ପାଇଁ କଂଗ୍ରେସ ନେତୃବୃନ୍ଦ ପ୍ରସ୍ତାବ ଦେଇଥିଲେ। ନିର୍ମାଣ ଶ୍ରମିକଙ୍କ ପଂଜିକରଣ ଓ ପଂଜିକୃତ ଶ୍ରମିକଙ୍କ ନବୀକରଣ କାର୍ଯ୍ୟରେ ସ୍ୱଚ୍ଛତା ରଖିବାକୁ କଂଗ୍ରେସ ନେତୃବୃନ୍ଦ ଦାବି କରି କାର୍ଯ୍ୟାଳୟରେ ଅଧିକ କର୍ମଚାରୀଙ୍କ ମୁତୟନ ପାଇଁ ପ୍ରସ୍ତାବ ଦେଇଥିଲେ। ଏତଦ୍‌ବ୍ୟତୀତ ଶ୍ରମ କାର୍ଯ୍ୟାଳୟକୁ ପ୍ରତିଦିନ ଶହ ଶହ ଲୋକ ଆସୁଥିବା ବେଳେ ସେମାନଙ୍କ ପାଇଁ ଏକ ପ୍ରତୀକ୍ଷାଳୟ କିମ୍ବା ଅଭ୍ୟର୍ଥନା କକ୍ଷର ବ୍ୟବସ୍ଥା କରିବାକୁ ଏହି ଅବସରରେ ନେତୃବୃନ୍ଦ ପ୍ରସ୍ତାବ ଦେଇ ଉପରୋକ୍ତ ବିଷୟ ପ୍ରତି ଯୁଗ୍ମ ଶ୍ରମ ଆୟୁକ୍ତ ଉଚିତ୍ ଧ୍ୟାନ ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ପ୍ରତିନିଧି ଦଳରେ ପୂର୍ବତନ ଜିଲ୍ଲା ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ସନ୍ତୋଷ ବିଶ୍ୱାଳ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟା ରୁକସାନା ବେଗମ, ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, କାର୍ଯ୍ୟନିର୍ବାହୀ ସଦସ୍ୟ ରତିକାନ୍ତ ମଲ୍ଲିକ, ରେହେମାନ ଖାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍ ସଂଗଠନ ଦ୍ୱାରା ବେସିକ୍ ତାଲିମ ଶିବିର



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ତାଲିମ ଶିବିରସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନ (ଉଚ୍ଚବିଦ୍ୟାଳୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ) ମାନଙ୍କ ପାଇଁ ଏକାଦିକ୍ରମେ ୯ ଗୋଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ତା୧୬।୪।୨୨ରିଖ ଠାରୁ ଆରମ୍ଭ ହୋଇଅଛି। ଉକ୍ତ ଶିବିରରେ ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର, ବଲାଙ୍ଗୀର, କଟକ, ଢ଼େଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେଉଁଝର, ଖୋର୍ଦ୍ଧା, କୋରାପୁଟ, ନୟାଗଡ, ପୁରୀ, ରାୟଗଡା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ ଆଦି ଜିଲ୍ଲାରୁ ୨୦୫ ଜଣ ସ୍କାଉଟ ମାଷ୍ଟର ଏବଂ ୮୭ ଜଣ ଗାଇଡ୍ କ୍ୟାପଟେନ ତାଲିମ ନେବାପାଇଁ ଯୋଗଦାନ କରିଛନ୍ତି। ତା୧୬।୪।୨୨ରିଖ ଦିନ ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ର ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଦ୍ୟାଳୟରେ ସ୍କାଉଟ ଓ ଗାଇଡ୍ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ଭଲ ସୁନାଗରିକ ଭାବେ ଗଢ଼ିତୋଳିବା ସହିତ ସେମାନଙ୍କୁ ରାଜ୍ୟ ପୁରସ୍କାର ପାଇବା ଲାଗି ଠିକ୍ ଭାବେ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଛାତ୍ରଛାତ୍ରୀମାନଙ୍କୁ ଭାଇ ଭଉଣୀର ସ୍ନେହ ଦେଇ ସ୍କାଉଟ ଓ ଗାଇଡ୍‌ର ମୂଳ ତତ୍ତ୍ୱଭାବେ ଶିକ୍ଷାଦାନ କରି ସେମାନଙ୍କ ଚରିତ୍ର ସୁଧାରିବା ସକାଶେ ଉଦ୍ୟମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ତା୨୧।୪।୨୦୨୨ରିଖ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ତାଲିମ ସମାପ୍ତ ହେବା ପରେ ନିଜ ବିଦ୍ୟାଳୟରେ କିପରି ପିଲାମାନଙ୍କୁ ସ୍କାଉଟ ଗାଇଡ୍‌ରେ ମିଶି ଜଣେ ଜଣେ ଭଲ ସୁନାଗରିକ ହୋଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ସମସ୍ତ ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ତାଲିମ କମିଶନର (ସ୍କାଉଟ) ଶ୍ରୀ ସୁରଜିତ୍ ସେନ୍‌ଙ୍କ ତତ୍ତ୍ୱାବଧାନରେ ସ୍କାଉଟ ବିଭାଗ ଏବଂ ରାଜ୍ୟ ତାଲିମ କମିଶନର (ଗାଇଡ୍) ପ୍ରିୟଦର୍ଶିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗାଇଡ୍ ବିଭାଗର ତାଲିମ ପରିଚାଳିତ ହୋଇଥିଲା।

# ଶ୍ରମିକଙ୍କୁ ସଂଶୋଧିତ ମଜୁରୀ ଓ ଆଉଟସୋର୍ସିଂରେ କାର୍ଯ୍ୟରତ କର୍ମଚାରୀଙ୍କୁ ସର୍ବନିମ୍ନ ୨୫ ହଜାର ଟଙ୍କା ପ୍ରଦାନ କରାଯାଉ

ବ୍ରହ୍ମପୁର (ପିଏନ୍) : କେନ୍ଦ୍ର ସରକାରଙ୍କ ପକ୍ଷରୁ ନିକଟରେ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରିକୁ ସଂଶୋଧନ କରାଯାଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଲାଗି ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତାକୁ ବୃଦ୍ଧି କରାଯାଇଛି। ଏହି ସଂଶୋଧିତ ହାରରେ ରାଜ୍ୟରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାରିଶ୍ରମିକ ବୃଦ୍ଧି ମଇ ୧ ତାରିଖ ଶ୍ରମିକ ଦିବସରୁ କାର୍ଯ୍ୟକାରୀ କରିବା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଉଟସୋର୍ସିଂରେ ବିଭିନ୍ନ ଦପ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସର୍ବନିମ୍ନ ଦରମା ୨୫ ହଜାର ବୃଦ୍ଧି କରାଯିବା ପାଇଁ ହିନ୍ଦ୍ ମଜଦୁର ସଭା (ଏଚ୍ଏମ୍ଏସ୍) ରାଜ୍ୟ ଉପସଭାପତି ରବି ରଥ ଦାବି କରିଛନ୍ତି। ଶ୍ରୀ ରଥ କହିଛନ୍ତି ରାଜ୍ୟରେ ବରିଷ୍ଠ ସରକାରୀ ପଦାଧିକାରୀମାନେ ମାସିକ ପ୍ରାୟ ୫ ଲକ୍ଷ ଟଙ୍କା ପାଉଥିବା ବେଳେ ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ଦାବି କରାଯାଉଥିବା ପାରିଶ୍ରମିକ ଅତ୍ୟନ୍ତ ନଗଣ୍ୟ। ସମାନ କାମକୁ ସମାନ ଦରମା କାର୍ଯ୍ୟକାରୀ କରିବା, ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି କରିବା, ସରକାରୀ କର୍ମଚାରୀଙ୍କ ଭଳି ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରିବା ଇତ୍ୟାଦି ଏଚ୍ଏମ୍ଏସ୍ ପକ୍ଷରୁ ଦାବି କରାଯାଇଛି। ଆସନ୍ତା ମଇ ୧ ତାରିଖ ବିଶ୍ୱ ଶ୍ରମିକ ଦିବସ ପାଳନ ଅବସରରେ ସଂଗଠନର ସହବନ୍ଧିତ ସଂଗଠନଗୁଡ଼ିକର ସଦସ୍ୟମାନେ ଯୋଗଦେବାକୁ ନିବେଦନ କରାଯାଇଥିଲା। ସ୍ଥାନୀୟ ନବୀନ ଭବନ ପରିସରରେ ଏଚ୍ଏମ୍ଏସ୍ ସହ ସହବନ୍ଧିତ ସଂଗଠନଗୁଡ଼ିକର ଏକ ଜରୁରୀ ବୈଠକ ରାଜ୍ୟ ସଂଗଠନର ଉପସଭାପତି ରବି ରଥ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଉପରୋକ୍ତ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ବୈଠକରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ଉପସଭାପତି ସୁକାନ୍ତ ମୁଖୀ, ରାଜ୍ୟ ସଂଗଠନର ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାୟକ, ଏମକେସିଜି ମେଡିକାଲ କଲେଜ କର୍ମଚାରୀ ସଂଘର ସମ୍ପାଦକ ରାଜୁ ଚିନ୍ନା, ଗଞ୍ଜାମ ଜିଲ୍ଲା ମେଡିକାଲ କର୍ମଚାରୀ ସଂଘର ସମ୍ପାଦିକା ରେଣୁପ୍ରିୟା ପାଢ଼ୀ, ଟୁନା ଜେନା, ଲାଲୁ ମୋହନ ବେହେରା, ସନ୍ତୋଷ କୁମାର ପଣ୍ଡିତ, ବିପିନ କୁମାର ନାୟକ, ଜିଇଡି କର୍ମଚାରୀ ସଂଘର ଉତ୍ସବ ସାବତ, ପଦ୍ମ ଚରଣ ନାୟକ, କେଶବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜୀ-ସାର୍ଥକ ଦେଖିଲେ ହୋଇପାରିବେ ଲକ୍ଷପତି



ଖୋର୍ଦ୍ଧା (ପିଏନ୍)-ଗୃହଲକ୍ଷ୍ମୀଙ୍କୁ ଲକ୍ଷପତି କରାଇବ ଜୀ-ସାର୍ଥକ। ଲୋକପ୍ରିୟ ଓଡ଼ିଆ ମନୋରଂଜନ ଚ୍ୟାନେଲ ଜୀ-ସାର୍ଥକରେ ଏନେଇ ଆରମ୍ଭ ହୋଇଯାଇଛି ଏକ ମେଗା ପ୍ରତିଯୋଗିତା। ଯାହାର ନାଁ ରହିଛି ହାତରେ ରିମୋଟ ଧରିଲେ ଗୃହଲକ୍ଷ୍ମୀ ଦେଖିଲେ ଜୀ-ସାର୍ଥକ ଆସିବେ ଲକ୍ଷ୍ମୀ। ଏପ୍ରିଲ ୯ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ମେ-୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ପ୍ରତିଦିନ ସନ୍ଧ୍ୟା ୭ଟା ୩୦ମିନିଟରେ ରାତି ୧୦ଟା ଭିତରେ ପ୍ରସାରିତ ହେଉଥିବା ଧାରାବାହିକ ସମୟରେ ଚ୍ୟାନେଲ ତରଫରୁ




ପଚରା ଯିବ କିଛି ସରଳ ପ୍ରଶ୍ନ। ଯାହାର ଉତର ଦେଇ ଗୃହ ଲକ୍ଷ୍ମୀ ହୋଇପାରିବେ ଲକ୍ଷପତି। ଏଥିରେ ଭାଗ ନେବା ପାଇଁ ଟିଭି ସ୍କ୍ରିନରେ ଦିଆଯାଇଥିବା ନମ୍ବରରେ ମିସ୍‌ଡ଼କଲ କରିବାକୁ ହେବ। ପ୍ରତିଦିନ ସଠିକ୍ ଉତର ଦେଇଥିବା ୧୦ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ହଜାରେ ଟଙ୍କାର ଭାଉଚର ମିଳିବ। ତେବେ ପୁରା ପ୍ରତିଯୋଗିତାରେ ଜଣେ ମେଗା ବିଜେତାଙ୍କୁ ଏକ ଲକ୍ଷ ଟଙ୍କା ନଗଦ ମିଳିବ ବୋଲି ଘୋଷଣା କରାଯାଇଛି। ଦର୍ଶକମାନେ ଏହାର ଲାଭ ଉଠାଇବାକୁ ଚ୍ୟାନେଲ ପକ୍ଷରୁ କୁହାଯାଇଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିକାଶରେ ବାଧକ ସାଜିଛନ୍ତି ଗୌତମ- ପୌର ଅଧ୍ୟକ୍ଷ

ଜୟପୁର,(ପି.ଏନ):- ଜୟପୁର ର ବିକାଶରେ ବାଧକ ସାଜିଛନ୍ତି ବିଜେପି ନେତା ଗୌତମ ସାମନ୍ତରାୟ ବୋଲି ପୌର ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନି କରି ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି । ବିଜେପି ନେତା ଗୌତମ ସାମନ୍ତ ରାୟ ଜଗନ୍ନାଥ ସାଗରର ସୌନ୍ଦର୍ଯ୍ୟ କରଣ ରେ ଅନିୟମିତତା ସହ ଡିପିଆର ବଦଳାଯାଇଥିବା ଦାବିରେ ଧାରଣା ଦେଇଛନ୍ତି । ଏହାକୁ କଡା ଭାଷାରେ ସମାଲୋଚନା କରିଛନ୍ତି ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି । ଐତିହାସିକ ଜଗନ୍ନାଥ ସାଗର ସହ ଜନ ସାଧାରଣ ଙ୍କ ଭାବବେଗ ଜଡିତ ରହିଛି ଏବଂ ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟ କରଣ ଦାବି ହୋଇଆସୁଥିଲା । ଜିଲା ପ୍ରଶାସନ ଓ ବିଧାୟକ ଙ୍କ ଉଦ୍ୟମରେ ହାଲ ବିକାଶ ପାଇ ପାଣ୍ଠି ଦେବା ପାଇ ସହମତି ପ୍ରକାଶ କରିଥିଲେ । ଜିଲା ପ୍ରଶାସନ ଦ୍ୱାରା ୮ କୋଟି ୫୩ ଲକ୍ଷ ଟଙ୍କାର ଡିପିଆର ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ଏଚଏଏଲ କର୍ତ୍ତୃପକ୍ଷ ପ୍ରଥମ ପର୍ଯ୍ୟାୟରେ ୧କୋଟି ଟଙ୍କା ଦେବା ପାଇ ସହମତି ପ୍ରକାଶ କରିଥିଲେ । ଏହି ସହମତି ପ୍ରକାରେ ପୁଣି ୧ କୋଟି ୬୦ ଲକ୍ଷ ଟଙ୍କାର ଡିପିଆର ପ୍ରସ୍ତୁତ କରାଯାଇଥିଲା । ସିଭିଲ କାମ ପାଇ ୧ କୋଟି ୨୦ ଲକ୍ଷ ଟଙ୍କା,୨୫ ଲକ୍ଷ ଟଙ୍କା ନନ ସେଡୁଲେଡ ଆଇଟମ ଓ ଜିଏସଟି ବାବଦକୁ ୧୫ ଲକ୍ଷ ଟଙ୍କା । କିନ୍ତୁ ଏଚଏଏଲ ୩ଟି ପର୍ଯ୍ୟାୟରେ ମାତ୍ର ୮୦ଲକ୍ଷ ଟଙ୍କା ଜୟପୁର ପୌର ପାଳିକାକୁ ପ୍ରଦାନ କରିଛି । ପୌର ପାଳିକାର ଅନ୍ୟ ଫଣ୍ଡରୁ ଟାଙ୍କା ବାହାରି କରି କାର୍ଯ୍ୟ ଜାରି ରଖିଛି । ଜଗନ୍ନାଥ ସାଗରକୁ ସଂଙ୍କୁଚିତ କରାଯାଇ ନାହିଁ ସାଗର ତଟେ ଥିବା ଖାଲି ଭାଗରେ କାର୍ଯ୍ୟ ଜାରି ରହିଛି । ବିଜେପି ନେତା ବିକାଶର ବାଧକ ବୋଲି ପୌର ଅଧ୍ୟକ୍ଷ ମହାନ୍ତି କହିବା ସହ ଜୟପୁର ବିକ୍ରମ ଦେବ କଲେଜକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ପାଇ ଲଢେଇ ଚାଲୁଥିବା ସମୟରେ ଗୌତମ ସାମନ୍ତରାୟ ଗୋଟିଏ ଦିନବି ଲଢେଇ କରି ନାହାଁନ୍ତି । ଜୟପୁର ର ପିଲା ଛାତ୍ର ହେଲେ ବି ସେ ଲଢେଇରେ ସାମିଲ ହୋଇ ନଥିଲେ । କଣ୍ଡାର ସାହିରେ ରାସ୍ତା ସମ୍ପ୍ରସାରଣ ସମୟରେ ସେ ବାଧାକ ସାଜି ଥିଲେ ସେହି ଅଂଚଳ ବିକାଶ ହୋଇ ପାରୁ ନାହିଁ । ଜଗନ୍ନାଥ ସାଗରର ବିକାଶ ଜାରି କହିଥିବା ବେଳେ ନିଜର ରାଜନୈତିକ ଫାଇଦା ଉଠାଇବା ପାଇ ଧାରଣା ବସିଛନ୍ତି । ଯାହାକୁ ପୌର ପରିଷଦ ନିନ୍ଦା କରିଛି । ତାଙ୍କର ଜଦି ସତ ସାହାସ ଅଛି ଜୟପୁର ରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇ ମୋ ସହ ଧାରଣାରେ ବସନ୍ତୁ । କେନ୍ଦ୍ରୀୟ ବିଦ୍ୟାଳୟ ପାଇ ଜୟପୁର ରେ ସବୁ ଭିତି ଭୁମି ରହିଛି । ଆଜି ଯାଏ ହୋଇ ପାରିଲା ନାହିଁ । ଆସନ୍ତା ୨୫ ତାରିଖରୁ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଜୟପୁର ରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇ ଧାରଣା ଦେବେ । ଜୟପୁର ବାସୀ ଦଳଗତ ନିର୍ବିଶେଷରେ ସମସ୍ତେ ସାମିଲ ହେବେ । ଏ ସମ୍ପର୍କରେ ଗୌତମ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଥିଲେ ଯେ ମନ୍ଦିରରେ କିଏ ମୁ କଦଳି ଖାଇ ନାହିଁ ସଦୃଶ ଆଜି ବିଜେଡି ଓ କଂଗ୍ରେସ ର ମିଳିତ ସାମ୍ବାଦିକ ସମ୍ମିଳନି କରିଛନ୍ତି ।ଏଠାରେ ଦୁର୍ନିତି ହୋଇଛି । ଏହି ଦୁର୍ନିତିର ପ୍ରଦାଫାସ ହେବା ଯାଏ ଲଢେଇ ଜାରି ରହିବ ବୋଲି ସୁଚନା ଦେଇଛନ୍ତି ।

## ଏସି ସର୍ଟସର୍କିଟରୁ ଅଗ୍ନିକାଣ୍ଡ : ପତ୍ନୀ ମୃତ, ପତି ଗୁରୁତର

ଗଞ୍ଜାମ, (ପି.ଏନ): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲୋଚାପଡ଼ା ରାସ୍ତାରେ ଏକ ଘରେ ଏସି ସର୍ଟସର୍କିଟ ଯୋଗୁଁ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏଥିରେ ପୋଡି ହୋଇ ପତ୍ନୀ ପ୍ରାଣ ହରାଇଥିବା ବେଳେ ପତି ଗୁରୁତର ହୋଇଛନ୍ତି । ମୃତକ ଜଣକ ହେଉଛନ୍ତି ପ୍ରଭାକର ସାହୁଙ୍କ ପତ୍ନୀ ଉତରା ସାହୁ । ପ୍ରଭାକର ଶ୍ୱାସରୁଦ୍ଧ ହୋଇପଡିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଛି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଛି । ସୂଚନା ଅନୁଯାୟୀ, ଲୋଚାପଡ଼ା ରୋଡ଼ ବ୍ରଜନଗରରେ ଏକ ଘରର ପ୍ରଥମ ମହଲାରେ ବୃଦ୍ଧ ଦମ୍ପତି ପ୍ରଭାକର ସାହୁ ଓ ଉତରା ସାହୁ ରୁହନ୍ତି । ତାଙ୍କ ପୁଅ ବାହାରେ କାମ କରନ୍ତି । ଗତକାଲି ଅପରାହ୍ନରେ ଘରର ତଳ ମହଲାରେ ପଙ୍ଖା ମରାମତି କରୁଥିବା ଅରୁଣ ବେହେରା ଉପର ମହଲାରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ । ସେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଉପର ମହଲାର ଏକ କୋଠରୀରେ ବୃଦ୍ଧ ଦମ୍ପତି ଶୋଇଥିଲେ ।

## ମହାନ୍ତି ସାହିରେ ସିସି ଟିଭି ଓ ଷ୍ଟ୍ରିଟ ଲାଇଟ ଲଗାଇବାକୁ ଦାବି

ଜୟପୁର,(ପି.ଏନ): ଜୟପୁର ସହର ମହାନ୍ତି ସାହିରେ ସିସି ଟିଭି ଓ ଷ୍ଟ୍ରିଟ ଲାଇଟ ଲଗାଇବାକୁ ସାହି ବାସିନ୍ଦା ଦାବି କରିଛନ୍ତି । ଏନେଇ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଙ୍କୁ ମହାନ୍ତି ସାହିରେ ଅସାମାଜିକ ନାବାଳକ ଉନ୍ମତ କାଣ୍ଡ ବିଷୟରେ ଅବଗତ କରାଯାଇଛି । ଏନେଇ ମହାନ୍ତି ସାହି ବାସିନ୍ଦା ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ବ୍ରିଟିସ ଶାସନ ଅମଳରୁ ମହାନ୍ତି ସାହି ରେ ପୁରୁଣା ତହସିଲ କାର୍ଯ୍ୟାଳୟ ତରଫରୁ ଦୁଇ ଗୋଟିଏ ଷ୍ଟାଫ କ୍ୱାଟର ନିର୍ମାଣ ହୋଇଥିଲା । ବିଗତ କିଛି ଦିନ ହେବ ସେ ଦୁଇଟି କ୍ୱାଟର ଘର ଖାଲି ପଡିଥିବାରୁ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । ସାହିରେ ଯଥେଷ୍ଟ ପରିମାଣର ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ମଧ ନାହିଁ । ଯାହାର ସୁଯୋଗ ନେଇ ପ୍ରତି ଦିନ କିଛି ଅସାମାଜିକ ବ୍ୟକ୍ତି ବିଶେଷକରି ମହାନ୍ତି ସାହିକୁ ସେମାନଙ୍କ ପେଣ୍ଟସ୍ଥଳି ହିସାବରେ ବାଛି ନେଇଛନ୍ତି । ପ୍ରତି ଦିନ ସାହି ବାସିନ୍ଦାଙ୍କୁ ଅସାମାଜିକ ବ୍ୟକ୍ତି ମାନଙ୍କ ହିଂସାର ଶିକାର ହେବାକୁ ପଡୁଛି । ସେହି ଅସାମାଜିକ ବ୍ୟକ୍ତି ମାନଙ୍କ ମଧ୍ୟରେ ଅଧିକାଂଶ ନାବାଳକ ରହିଛନ୍ତି । ଯଦି କେହି ସେମାନଙ୍କ କାର୍ଯ୍ୟକଳାପକୁ ବିରୋଧ କରେ ତାହା ହେଲେ ସେମାନେ ଟେକା ପଥରରେ ଆକ୍ରମଣ କରି ଜିଲା ସବ ରେଜିଷ୍ଟାର ଅଫିସ ପାଚେରିକୁ ଲାଗିଥିବା ମାଟି ଗଦା ତେଇ ଚମ୍ପଟ ହେଉଛନ୍ତି । ତେଣୁ ତୁରନ୍ତ ପୌର ପ୍ରଶାସନ ଷ୍ଟ୍ରିଟ ଲାଇଟ ସିସି ଟିଭିର ବ୍ୟବସ୍ଥା କରାଯାଇ କୈଣସି ଅଘଟଣକୁ ଦୁରେଇ ଦିଆଯାଉ ବୋଲି ପରମେଶ୍ୱର ପାତ୍ର , ପୁଣ୍ଡ ଚନ୍ଦ୍ର ପାଣିଗ୍ରାହୀ, ସପନ କୁମାର ସାହୁ, ସବିତା ପାତ୍ର, ଉଦୟ ନାୟକ ପ୍ରମୁଖ ଦାବି କରିଥିବା ବେଳେ ଏହାର ନକଲ ଉପ ଜିଲାପାଳ, ଟାଉନ ଥାନା ଅଧିକାରିଙ୍କୁ ପ୍ରଦାନ କରାଯାଇଛି ।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଧନତ୍ରୀ ବାଲିଘାଟରେ ଚଢାଉ,୩ ଗାଡି ଜବତ, ଅନେକ ଖସିଗଲେ

କୋରେଇ,(ପି.ଏନ): ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତର ବୈତରଣୀ ନଦୀର ଧନତ୍ରୀ ବାଲି ସଇରାତରୁ ବେଆଇନ ଭାବେ ବାଲି ଉତୋଳନ ନେଇ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ କୌଣସି ସୁଫଳ ନମିଳିବାରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ଏମିତିକି ବ୍ୟାସନଗର ତହସିଲଦାରଙ୍କ ଠାରେ ଲିଜ ଜମିର ୩ଗୁଣା ଅଧିକ ଖନନ ଓ ମାର୍ଚ୍ଚ ୨୭ ତାରିଖରୁ ଲିଜ ଅବଧି ସରିଯାଇଥିଲେ ହେଁ କାହା ନିର୍ଦ୍ଦେଶରେ ଖାଦାନ ଚାଲୁଛି ସେ ନେଇ ଅଭିଯୋଗ କରାଯାଇଥିଲା । ନଦୀ ବନ୍ଧ ଦୁର୍ବଳ ଓ ବିଦ୍ୟାଳୟକୁ ଛାତ୍ର/ଛାତ୍ରୀ ମାନେ ଯାତାୟତରେ ବାଧା ନେଇ ଅଭିଯୋଗ କରାଯାଇଥିଲା । ବ୍ୟାସନଗର ତହସିଲଦାର କୌଣସି କଥାକୁ କର୍ଣ୍ଣପାତ ନକରିବାରୁ ଜିଲ୍ଲାପାଳ ଚକ୍ରବର୍ତି ସିଂହ ରାଠୋରଙ୍କ ନିର୍ଦ୍ଦେଶ କ୍ରମେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀ, ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ଓ ଜିଲ୍ଲା ପୁଲିସ ମୁଖ୍ୟାଳୟର ସ୍ୱତନ୍ତ୍ର ପୁଲିସ ବାହିନୀକୁ ଧରି ଚଢାଉ କରିଥିଲେ ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଲ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ମଥାଖୋଲ ପାହାଡ଼ ପାଦ ଦେଶରୁ ମଣିଷ ଗୋଡ଼ର ହାଡ଼ ଜବତ

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଣିଆ ଗ୍ରାମ ନିକଟସ୍ଥ ମଥାଖୋଲ ପାହାଡ଼ ପାଦ ଦେଶରୁ ପୋଲିସ ଆଜି ଏକ ମଣିଷ ଗୋଡ଼ର ହାଡ଼ ଜବତ କରିଛି । ଘଟଣାସ୍ଥଳରୁ ଏକ ମୋବାଇଲ୍, ପ୍ୟାଂଟ ସାର୍ଟ, ଚପଲ ଏବଂ ପରିଚୟପତ୍ର ମଧ ଜବତ ହୋଇଛି । ପରିଚୟପତ୍ରରୁ ଜବତ ସାମଗ୍ରୀ ଟିପିଏସଓଡିଏଲର କର୍ମଚାରୀ ମିଟୁ ବେହେରାଙ୍କର ବୋଲି ଜଣାପଡିଛି । ମିଟୁ ଗତ ବର୍ଷ ମଇ ୩୦ ତାରିଖରୁ ନିଖୋଜ ଥିଲେ । ବର୍ତମାନ ସୁଦ୍ଧା ତାଙ୍କର କୌଣସି ପତା ମିଳୁନଥିଲା । ତେବେ ଘଟଣାର ୧୦ ମାସ ପରେ ତାଙ୍କର ପରିଚୟପତ୍ର ମଥାଖୋଲ ପାହାଡ଼ ପାଦ ଦେଶରୁ ମିଳିଛି । ସେଠାରୁ ମିଳିଥିବା ଗୋଡ଼ର ହାଡ଼ ମିଟୁଙ୍କର ବୋଲି ପୋଲିସ ଅନୁମାନ କରୁଛି । ପ୍ରାଥମିକ ପର୍ଯ୍ୟାୟରେ ପୋଲିସ କେସ୍ ନଂ ୮/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଇଂଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛି । ମିଟୁଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ଉଠିଛି ।

# ରାତି ପାହିଲେ ପ୍ରସିଦ୍ଧ ସିଂହାପୁର ଯାତ୍ରା : ପୁଷ୍କରଣୀରୁ ବାହାରି ଦର୍ଶନ ଦେବେ ନାରାୟଣ ଗୋସ୍ୱାମୀ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ରସୁଲପୁର ବ୍ଲକର ପୁରାଣ ପ୍ରସିଦ୍ଧ ଯାତ୍ରାଭାବେ ସିଂହାପୁର ଯାତ୍ରା ବେଶ୍ ପରିଚିତ । ଜିଲାର ଏହି ରସୁଲପୁର ବ୍ଲକ ତିନି ଦିନ ପାଇଁ ଚଳଚଂଚଳ ହୋଇଉଠେ । ରାତି ପାହିଲେ ମହାବିଷୁବ ସଂକ୍ରାନ୍ତି । ଏହି ସମୟରେ ୩ ଦିନ ପାଇଁ ପୁଷ୍କରଣୀ ଭିତରୁ ବାହାରି ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି ନାରାୟଣ ଗୋସ୍ୱାମୀ । ଏହି ଯାତ୍ରା ପାଇଁ ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ । ପ୍ରଶାସନ ସଜାଗ ହୋଇଥିବା ବେଳେ ଭକ୍ତ ମନରେ ଭରି ଦେଇଛି ଆନନ୍ଦ ।ଏହି ସିଂହାପୁର ଯାତ୍ରାକୁ ନେଇ ଅନେକ ଲୋକ କଥା ରହିଛି । କଥାରେ ଅଛି ,ମହାପ୍ରଳୟର ଆଦିଦେବ ଶ୍ରୀମନ ନାରାୟଣ ନିଜର କମଳରେ ବ୍ରହ୍ମା,ବିଷ୍ଣୁ ଓ ମହେଶ୍ୱରଙ୍କୁ ଆଦି ସୃଷ୍ଟି କରି ଦୃଷ୍ଟ ନିବାରଣ ସନ୍ଥ ପାଳନ ପାଇଁ ଦଶାବତାର ଧାରଣ କରିଥିଲେ । ଦ୍ୱାପର ଯୁଗର ଶେଷ ଓ କଳିଯୁଗ ଆରମ୍ଭରେ ଶ୍ରୀକ୍ଷେତ୍ର ଧାମରେ ଜଗନ୍ନାଥ ,ବଳଭଦ୍ର ଓ ଶୁଭଦ୍ରା ରୂପେ ରାଜା ଇନ୍ଦ୍ରଦେବଙ୍କ ଦ୍ୱାରା ପୂଜା ପାଇ ଆସୁଥିଲେ । ଖ୍ରୀଷ୍ଟପୂର୍ବ୫୮୨ସମୟରେ ଉତର ପ୍ରଦେଶର ବ୍ରାହ୍ମଣ ଯୁବକ ମଧୁସୂଦନ ବିଦ୍ୟା ଭୂଷଣକମା ନିଷ୍କନ୍ତା ପାର୍ବତ୍ୟ ଅଂଚଳରେ ପୁରୀ ଧାମକୁ ଯାଉଥିବା ବାଟରେ ହାତୀ ସୁନା କଳସ ଜଳ ମୁଣ୍ଡରେ ଢାଳିବାରୁ ମଧୁପୁର ରାଜା ହେଲେ । କମାବଂଶ ପ୍ରବର ମଧୁସୁଦନଙ୍କର ପାଟରାଣୀ ପାଟମହାଦେଇ ମାଧୁରୀ ବିଷ୍ଣୁଙ୍କ ଭକ୍ତ ଥିଲେ । ଶ୍ରୀମନ ନାରାୟଣ ପାଟରାଣୀଙ୍କୁ ସ୍ୱପ୍ନାଦେଶ କଲେ । ରାଣୀ ସ୍ୱପ୍ନ କଥା ପ୍ରକାଶ କରିବାରୁ ରାଜା ସୈନ୍ୟସାମନ୍ତଙ୍କୁ ନେଇ ତ୍ରିବେଣୀ ସଂଗମରେ ୨୭ ଦିନର ଅନ୍ୱେଷଣ ପରେ ଶ୍ରୀମନ ନାରାୟଣଙ୍କର ସନ୍ଧାନ ପାଇଲେ । ସମୁଦ୍ର ପଥରେ ପାରାଦ୍ୱୀପ ଠାରୁ ବ୍ରାହ୍ମଣୀ ନଦୀ ଦେଇ ଗଡମଧୁପୁର ଆସୁଥିବା ସମୟରେ ବାହ୍ମଣବାଡଠାରେ ତାଙ୍କୁ ଦୈବବାଣୀ ହେଲା । ସିଂହାପୁରଠାରେ ପ୍ରଭୁଙ୍କର ତୀର୍ଥକ୍ଷେତ୍ର ହେବ । ରାଜାଙ୍କ ଆଦେଶକ୍ରମେ ବ୍ରହ୍ମମୟ ଠାକୁରଙ୍କୁ ପାଛୋଟି ଆଣିବାକୁ ରାସ୍ତାର ଦୁଇ ପାର୍ଶ୍ୱରେ ବ୍ରାହ୍ମଣମାନେ ବେଦମନ୍ତ୍ରରେ ପ୍ରଭୁଙ୍କୁ ସିଂହାପୁରଠାରେ ପଂହଚାଇଲେ । ବେତବୁଦା ବେଷ୍ଟିତ ଏକ ତଡାଗରେ ଦୀର୍ଘ ୨ହଜାର ବର୍ଷ ପୂଜାର୍ଚ୍ଚନା ପରେ ତତ୍କାଳୀନ ମଧୁପୁର ରାଜା କୃଷ୍ଣଚନ୍ଦ୍ର ଧୀରନରେନ୍ଦ୍ର ବାହାଦୂରଙ୍କ ଦ୍ୱାରା ସିଂହାପୁର ଠାରେ ୬ମାଣ ୬ ବିଶୁଆ ଭୂମି ଉପରେ ଏକ ପୁଷ୍କରଣୀ ଖନନ କରାଗଲା । ଯାହାକି ମଧୁ ପୁଷ୍କରଣୀ ନାମରେ ବେଶ ପରିଚିତ । ସେହି ସମୟରେ ଏକ ଦିନର ଯାତ୍ରା ସକାଳୁ ଆରମ୍ଭ ହୋଇ ସନ୍ଧ୍ୟାରେ ଶେଷ ହେଉଥିଲା । ଭକ୍ତମାନଙ୍କର ବିଭୂଦର୍ଶନରେ ଶୋଷ ମେଂଟିଲା ନାହିଁ । ଭକ୍ତମାନେ ରାଜାଙ୍କ ପାଖରେ ଗୁହାରୀ କଲେ । ରାଜା ପ୍ରଭୁଙ୍କ ପାଖରେ ତ୍ରାହୀ ପଡିଲେ । ପ୍ରଭୂଙ୍କ ନିର୍ଦ୍ଦେଶରେ ମେଷ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ୩ଦିନ ଯାତ୍ରା ଅଦ୍ୟାବଧି ପାଳିତ ହୋଇଆସୁଛି । ୫୩ ପୁରୁଷ ଧରି ରାଜପରିବାର ରାଜାଙ୍କ ପରିଚାଳନାରେ ଗଣତାନ୍ତ୍ରିକ ପଦ୍ଧତିରେ ଯାତ୍ରା ପରିଚାଳନା ହେଉଅଛି । ସ୍ଥାନୀୟ ବିଧାୟକ ସଭାପତି ଓ ଆଂଚଳିକ ୪ ପଂଚାୟତ ସରପଂଚ,ସମିତିସଭ୍ୟ ଓ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏକ ଯାତ୍ରା ପରିଚାଳନା କମିଟି ହୋଇଛି । ଶ୍ରୀନାରାୟଣ ୩ଦିନ ଧରି ବିଜୟ ମନ୍ଦିର ରତ୍ନ ସିଂହାସନରେ ଦଶାବତାର ବେଶ ସହିତ ଅନ୍ୟ ୩ଟି ବେଶ ହୋଇ ୪ର୍ଥ ଦିନ ପ୍ରଭାତରୁ ଜଳ ଶୟନକୁ ମହାସମାରୋହରେ ବାହୁଡି ଯାଆନ୍ତି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on Facebook.com/Mps, Baripada

ଖେଳ
ପର୍ଯ୍ୟବେକ୍ଷକ 25
ସାଧାରଣ ଲୋକଙ୍କ ଖବରକାଗଜ
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Friday April 14, 2023 ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୧୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ୱାଇ-୨୦ କନ୍‌ସଲ୍‌ଟେସନ୍: କିସ୍ ବୁଲିଲେ ୨୦ ଦେଶର ସାଂସଦ

## ୧୪ତାରିଖରେ ମୁଖ୍ୟ ଆକର୍ଷଣ ରିକି କେଜ୍



ଭୁବନେଶ୍ୱର,(ପି.ଏନ): ଅପ୍ରେଲ୍ ୧୪ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବାକୁ ଥିବା ସମ୍ମାନଜନକ ୟୁଥ-୨୦ କନ୍‌ସଲ୍‌ଟେସନ୍‌ରେ ଯୋଗ ଦେବାକୁ ଆସିଥିବା ଆମେରିକା, ବ୍ରିଟେନ୍, ଜର୍ମାନ୍, ୟୁକ୍ରେନ୍, ସୁଇଜରଲାଣ୍ଡ, ପୋଲାଣ୍ଡ, ଆର୍ମେନିଆ, ସ୍ଲୋଭାକିଆ, ବୁଲ୍‌ଗେରିଆ, କଙ୍ଗୋ, ଆଇଭେରି କୋଷ୍ଟ ଆଦି ୨୦ ଦେଶର ସାଂସଦ ଆଜି କିସ୍ ପରିଦର୍ଶନ କରିଥିଲେ। ଏହି ସାଂସଦମାନେ କିସ୍ ପରିଦର୍ଶନ କରିବା ସମୟରେ କିସ୍‌ର ୩୦ ହଜାର ଛାତ୍ରଛାତ୍ରୀଙ୍କୁ ଗୋଟିଏ ସ୍ଥାନରେ ଦେଖି ଅଭିଭୂତ ହୋଇ ପଡ଼ିଥିଲେ। ଭଗବାନଙ୍କ ଆଶୀର୍ବାଦ ନଥିଲେ ମାତ୍ର ୨୭ବର୍ଷ ମଧ୍ୟରେ ମାତ୍ର ଏଭଳି ଏକ ବିରାଟ ଅନୁଷ୍ଠାନ ସମ୍ଭବ ନୁହେଁ ସେମାନେ ମତ ବ୍ୟକ୍ତ କରିଥିଲେ। କିସ୍‌ର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିବା ଅବସରରେ ସେମାନେ କହିଲେ, ଯୁବଗୋଷ୍ଠୀ ହେଉଛନ୍ତି ବିଶ୍ୱର ଭବିଷ୍ୟତ। ସେମାନେ ଚାହିଁଲେ ଏକ ଶାନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ବିଶ୍ୱ ତିଆରି କରିପାରିବେ। କିସ୍‌ରେ ଏତେ ସଂଖ୍ୟକ ପିଲାଙ୍କ ମଧ୍ୟରେ ଏଭଳି ଶୃଙ୍ଖଳା ବିଶ୍ୱରେ ବିରଳ ବୋଲି ସାଂସଦମାନେ ମତ ପ୍ରକାଶ କରିଥିଲେ। ତୁମମାନଙ୍କ ଶୃଙ୍ଖଳା ଆମମାନଙ୍କୁ ଅଭିଭୂତ କରିଛି ବୋଲି ସେମାନେ କହିଥିଲେ। କିସ୍‌ରେ ତୁମମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି ତୁମେମାନେ କଠିନ ପରିଶ୍ରମ ଓ ନିଷ୍ଠାର ସହ ସେସବୁର ବିନିଯୋଗ କରି ନିଜର ଲକ୍ଷ୍ୟ ପଥରେ ନିଶ୍ଚୟ ସଫଳତା ହାସଲ କରିପାରିବ ବୋଲି ସେମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ, କିସ୍ ମହାନିର୍ଦ୍ଦେଶକ କାହ୍ନୁ ଚରଣ ମାହାଲି ପ୍ରମୁଖ ଉପସ୍ଥିତ ଥିଲେ।ୟୁଥ-୨୦ କନ୍‌ସଲ୍‌ଟେସନ୍ ପାଇଁ ୧୪ ତାରିଖରେ ମୁଖ୍ୟ ଆକର୍ଷଣ ରହିଛନ୍ତି ତିନି ତିନି ଥର ଗ୍ରାମି ପୁରସ୍କାର ପାଇଥିବା ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଭାରତୀୟ ସଂଗୀତଜ୍ଞ ରିକି କେଜ୍। ଆସନ୍ତା କାଲି ତାଙ୍କର ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ରହିଛି।

### ସାମ୍ବାଦିକଙ୍କ ଜେଜେମାଙ୍କ ଦେହାନ୍ତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସହରର ମନକରପୁରସ୍ଥିତ ବାସଭବନରେ ଦୁର୍ଗାବତୀ ମହାପାତ୍ରଙ୍କର ୮୯ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ ରୋଗରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅ ଳରେ ଗଭୀର ଶୋକ ପ୍ରକାଶ ପାଇଛି। ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ମନକରପୁରସ୍ଥିତ ବାସଭବନରେ ପହ ି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ତୂଳୀରେ ଓଡ଼ିଆ ନବବର୍ଷକୁ ସ୍ୱାଗତ

ଭୁବନେଶ୍ୱର,(ପି.ଏନ): ଆଜି ହେଉଛି ମହାବିଷୁବ ସଂକ୍ରାନ୍ତି । ଓଡ଼ିଆ ଜାତିର ପାରମ୍ପରିକ ନବବର୍ଷ । ଦୁଃଖର ବିଷୟ, ଆମ ଓଡ଼ିଶାରେ ପ୍ରାୟ ଅଧିକାଂଶ ଲୋକ ଇଂରାଜୀ ନବବର୍ଷକୁ ବହୁ ଆଡ଼ମ୍ବର, ଉତ୍ସାହ, ଆଗ୍ରହ ଓ ଧୁମ୍‌ଧାମ୍ ସହକାରେ ପାଳନ କରିଥାନ୍ତି । କିନ୍ତୁ ନିଜର ଓଡ଼ିଆ ନବବର୍ଷ ପ୍ରତି ସେତେଟା ଆଗ୍ରହ ପ୍ରକାଶ କରୁନଥିବାର ଦେଖାଯାଏ । ଏମିତିକି ଅନେକ ଓଡ଼ିଆ ଲୋକ ଉକ୍ତ ଦିନଟିକୁ ପଣା ସଂକ୍ରାନ୍ତି ବୋଲି ଯେତେଦୂର ଜାଣିଥାନ୍ତି କିନ୍ତୁ ଏହି ଦିନଟିକୁ ଓଡ଼ିଆ ନବବର୍ଷ ବୋଲି ସେତେଟା ଜାଣିନଥାନ୍ତି । ଉତ୍କଳୀୟ ଏହି ନବବର୍ଷଟିକୁ ପ୍ରତିଟି ଓଡ଼ିଆଙ୍କ ମନରେ ଉଦ୍ରେକ କରିବା ପାଇଁ ୮ବର୍ଷ ବୟସର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ଓ ତୂଳୀରେ ଆଙ୍କିଛନ୍ତି ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ମହତ୍ୱ ରଖୁଥିବା ବୃନ୍ଦାବତୀ ଓ ବସୁନ୍ଧରାଙ୍କୁ । ଓଡ଼ିଆର ଅସ୍ମିତା ବଜାୟ ରଖିବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ଚିତ୍ର ମାଧ୍ୟମରେ ଆହ୍ୱାନ ଜଣାଇଛନ୍ତି । ଭୁଲି ଯାଅନା ଉତ୍କଳୀୟ ସଂସ୍କୃତିର ନବବର୍ଷକୁ । ପ୍ରତିଟି ଓଡ଼ିଆ ନିଜର ଆତ୍ମୀୟସ୍ୱଜନଙ୍କ ସହ ବନ୍ଧୁବାନ୍ଧବ, ସାଙ୍ଗ-ସାଥିମାନଙ୍କୁ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ବାଣ୍ଟିବା ପାଇଁ ସଂକଳ୍ପ ନିଅନ୍ତୁ । ଓଡ଼ିଆ ନବବର୍ଷ ସମସ୍ତଙ୍କ ଜୀବନ ସୁଖମୟ, ଆନନ୍ଦମୟ ହେଉ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶାନ୍ତନୁ କାମନା କରିଛନ୍ତି । ଶାନ୍ତନୁଙ୍କ ଏହି ଉଦ୍ୟମ ଓ ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା

## ମହିଳା ଆଇପିଏଲରେ ଆରସିବି ସହିତ ସହବନ୍ଧିତ ହୋଇଛି ହିମାଳୟା

ଭୁବନେଶ୍ୱର: ଏକ ଅଗ୍ରଣୀ ୱେଲନେସ୍ ବ୍ରାଣ୍ଡ, ହିମାଳୟା ୱେଲନେସ୍ କମ୍ପାନୀ ପକ୍ଷରୁ ଏହାର ନୂତନ ହିମାଳୟା ନ୍ୟାଚୁରାଲ ଗ୍ଲୋ ରୋଜ ଫେସ୍ ୱାସର ଶୁଭାରମ୍ଭ କରାଯାଇଛି । ଏହି ନୂତନ ଉତ୍ପାଦର ଶୁଭାରମ୍ଭ ହାସ୍‌ଟ୍ୟାଗ୍ ନଟଫେୟାର ଅଭିଯାନ ଦ୍ୱାରା ସମର୍ଥନପ୍ରାପ୍ତ ଏବଂ ଏହା ମହିଳା ଆଇପିଏଲରେ ରୟାଲ ଚାଲେଂଜର୍ସ ବାଙ୍ଗାଲୋର(ଆରସିବି) ସହିତ ସହବନ୍ଧିତ ହୋଇଛି । ମ୍ୟାଚର ପ୍ରଥମ ଦୁଇ ଦିନରେ, ଆରସିବି ଖେଳାଳୀମାନେ ନିଜର ଉନ୍ନତ ପ୍ରଦର୍ଶନ କରୁଥିବାବେଳେ, ଦର୍ଶକ ମାନଙ୍କ ମଧ୍ୟରେ ହାସ୍‌ଟ୍ୟାଗ୍ ନଟଫେୟାର ଅଭିଯାନ ଅଧିକ ଉତ୍ସାହ ବୃଦ୍ଧି କରିପାରିଛି । ସୌନ୍ଦର୍ଯ୍ୟ ପ୍ରଥାକୁ ଖଣ୍ଡନକରି ଅନ୍ତର୍ଭୂକ୍ତିକରଣକୁ ପ୍ରୋତ୍ସାହିତ କରିବା ହେଉଛି ହାସ୍‌ଟ୍ୟାଗ୍ ନଟଫେୟାର ଅଭିଯାନର ମୁଖ୍ୟ ଉଦେଶ୍ୟ । ମହିଳା ଆଇପିଏଲରେ ହିମାଳୟା ଏବଂ ଆରସିବି ସହବନ୍ଧିତା ହେଉଛି ସୌନ୍ଦର୍ଯ୍ୟ ସକାରାତ୍ମକତାକୁ ପ୍ରୋତ୍ସାହିତ କରିବା ଉଦେଶ୍ୟରେ ଏକ ପଦକ୍ଷେପ । ଏହି ପରିପ୍ରେକ୍ଷୀରେ ହିମାଳୟା ୱେଲନେସ୍ କମ୍ପାନୀ ପକ୍ଷରୁ ଏହାର ବ୍ୟବସାୟ ନିର୍ଦ୍ଦେଶକ, ଶ୍ରୀଯୁକ୍ତ ରାଜେଶ୍ କ୍ରିଷ୍ଣମୂର୍ତ୍ତି କହିଛନ୍ତିଯେ, ନ୍ତହିମାଳୟାରେ ଆମେ ବିଶ୍ୱାସ କରୁଯେ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ବୟସ, ଲିଙ୍ଗ ଏବଂ ଚର୍ମର ରଙ୍ଗ ନିର୍ବିଶେଷରେ ନିଜର ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ପରିପ୍ରକାଶ କରିଥାନ୍ତି ।ନ୍ତ ଆମ୍ଭେମାନେ ମହିଳା ଆଇପିଏଲରେ ଆରସିବି ସହିତ ସହବନ୍ଧିତାକୁ ନେଇ ଅତ୍ୟନ୍ତ ଉତ୍ସାହିତ । ଏହି ଉତ୍ପାଦ ଏବଂ ଅଭିଯାନ ଲୋକମାନଙ୍କୁ ସୌନ୍ଦର୍ଯ୍ୟକୁ ନେଇ ରହିଥିବା ଭ୍ରାନ୍ତ ଧାରଣାକୁ ଭାଙ୍ଗିବାରେ ସହାୟକ ହେବ ବୋଲି ଆମେ ଆଶା କରୁଛୁ ।ନ୍ତଉକ୍ତ ନୂତନ ଫେସ୍ ୱାସ୍ ସମ୍ପର୍କରେ ଗାୟତ୍ରୀ କବାଲିଆନ୍, କାଟେଗୋରୀ ମ୍ୟାନେଜର କହିଛନ୍ତିଯେ, ନ୍ତହିମାଳୟା ନ୍ୟାଚୁରାଲ ଗ୍ଲୋ ରୋଜ୍ ଫେସ୍ ୱାସ୍ ପ୍ରାକୃତିକ ଗୋଲାପ ପାଖୁଡ଼ା ଏବଂ ଚର୍ମକୁ ସୁହାଇଲାଭଳି ଅନ୍ୟ ସାମଗ୍ରୀକୁ ନେଇ ତିଆରି ହୋଇଛି । ଏହି ଫେସ୍ ୱାସ୍ ପାରାବେନ, ପାଥାଲେଟସ୍ ଏବଂ ସିଲିକନ୍ ମୁକ୍ତ ଅଟେ । ଉକ୍ତ ଫେସ୍ ୱାସ୍‌ରେ ଚର୍ମକୁ ସୁହାଇଲା ଭଳି ପିଏଚ୍ ଫର୍ମୁଲା ରହିଛି ଏବଂ ଏଥି ସହିତ ଏହା ୧୦୦% ପୁନଃ ବ୍ୟବହାରଯୋଗ୍ୟ ଟ୍ୟୁବ୍‌ରେ ଉପଲବ୍ଧ । ଯାହାକି ଚର୍ମ ପାଇଁ ଏବଂ ଆମ ପୃଥିବୀ ପାଇଁ ଭଲ ।ନ୍ତ ଏହି ଅବସରରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଏହାର ମୁଖ୍ୟ ତଥା ଉପାଧ୍ୟକ୍ଷ, ରାଜେଶ୍ ମେନନ୍ କହିଛନ୍ତିଯେ, ନ୍ତ ଆମେ ହିମାଳୟା ସହିତ ସହବନ୍ଧିତା କରି ଅତ୍ୟନ୍ତ ଆନନ୍ଦିତ, ଯାହାକି ଆରସିବି ପରି ସମାନ ଅନ୍ତର୍ଭୂକ୍ତିକରଣ ଏବଂ ବିବିଧତାର ମୂଲ୍ୟବୋଧକୁ ପରିପ୍ରକାଶ କରିଥାଏ । ଏବଂ ଏହି କାରଣ ପାଇଁ ଆମେ ଏକ ଦୀର୍ଘକାଳୀନ ସହଯୋଗିତା ଆଶା ରଖିଛୁ, ଯାହାକି ଆମକୁ ଏବଂ ଆମର ପ୍ରଶଂସକ ମାନଙ୍କୁ ପ୍ରୋତ୍ସାହିତ କରିବ ଏବଂ ସେମାନଙ୍କ ଜୀବନରେ ଏକ ସକାରାତ୍ମକ ପ୍ରଭାବ ପକାଇବ ।ନ୍ତ

## ସାରା ଦେଶରେ ବନବାସୀ ଓ ଜଙ୍ଗଲ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ସମ୍ବନ୍ଧରେ ଆଲୋଚନା



ଭୁବନେଶ୍ୱର,(ପି.ଏନ): ସଂସ୍ଥାର ସହଯୋଗରେ କାର୍ଯ୍ୟରତ ବନବାସୀ ଓ ଜଙ୍ଗଲ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ସମ୍ବନ୍ଧରେ ବମ୍ବେର ଇଗତପୁରି ଠାରେ ଏକ ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଗୁଜୁରାଟ, ମହାରାଷ୍ଟ୍ର ଓ ଓଡ଼ିଶା ରାଜ୍ୟର ଓଘଇଉଡଡର, ଙକକଝ ୫ ଙରଗରଚଡଟ ଶ୍ରମିକ ସଂଗଠନ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ସମଗ୍ର ଦେଶର ବନବାସୀ ଓ ଜଙ୍ଗଲ ଶ୍ରମିକମାନଙ୍କ ସମସ୍ୟା ବିଶେଷ କରି ସ୍ୱାସ୍ଥ୍ୟ ସୁରକ୍ଷା, ୩୬୫ ଦିନର ରୋଜଗାର ବ୍ୟବସ୍ଥା, ବିସ୍ଥାପିତ ଜଙ୍ଗଲବାସୀମାନଙ୍କୁ ପୁନଃ ପରିସ୍ଥାପନ କରିବା, ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜଳ ବାୟୁ ପରିବର୍ତ୍ତନର ପ୍ରକୋପରୁ ରକ୍ଷା ପାଇବା ପାଇଁ ସମସ୍ତ ବିଷୟ ଆଲୋଚନା ହୋଇଥିଲା। ସରକାରଙ୍କ ଦ୍ୱାରା ପ୍ରଚଳିତ ଜଙ୍ଗଲ ଅଧିକାର ଆଇନ-୨୦୦୬, ମନେରେଗା ଯୋଜନା, କାମ୍ପା ଫଣ୍ଡ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଫଣ୍ଡ ଓ ବିଶେଷ କରି ପଶ୍ଚିମାଂଚଳ ଉନ୍ନୟ ପରିଷଦ ନିମିତ ଓଡ଼ିଶା ସରକାରଙ୍କ ନିର୍ଦ୍ଦିଷ୍ଟ ପାଣ୍ଠିର ବିନିଯୋଗ ହେଉ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମାଂଚଳର ବରଗଡ଼, ପଦ୍ମପୁର, ଢେଙ୍କାନାଳ, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ କେନ୍ଦୁପତ୍ର ଚାଷ ହେଉଥିବାବେଳେ ମୟୂରଭଞ୍ଜ, କନ୍ଧମାଳ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ବିଶେଷ କରି ଶାଳପତ୍ର ବ୍ୟବସାୟ ହେଉଅଛି। ବଡ଼ବଡ଼ିଆ ମାନଙ୍କର ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ବନବାସୀ ଓ ଜଙ୍ଗଲ ଶ୍ରମିକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଅନ୍ୟପକ୍ଷରେ ସରକାର କେନ୍ଦୁପତ୍ର ଉପରେ ଦୁଇଟି ଜି.ଏସ୍.ଟି. ଲାଗୁ କରିବା ଓ ଶାଳପତ୍ରରେ ପ୍ରସ୍ତୁତି ସାମଗ୍ରିର ସର୍ବନିମ୍ନ ଦର ନିଷ୍ପତି ନ କରିବା ଦ୍ୱାରା ଶ୍ରମିକମାନଙ୍କର ବିପୁଳ କ୍ଷତି ହେଉଛି। ଏ ସମ୍ବନ୍ଧରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଶ୍ରମିକ ସଂଗଠନ ମାଧ୍ୟମରେ ଆଲୋଚନା ଓ ଆନ୍ଦୋଳନ କରି ଜଙ୍ଗଲ ବାସୀମାନଙ୍କୁ ନ୍ୟାୟ ଦେବା ପାଇଁ ନିଷ୍ପତି କରାଯାଇଛି ବୋଲି ଆଇ.ଏନ୍.ଟି.ୟୁ.ସିର ଉପସଭାପତି ମଦନ ମୋହନ ଧଳ ପ୍ରକାଶ କରିଛନ୍ତି। ବିଶେଷ କରି ଶାଳପତ୍ର କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ଏକ ମଙ୍ଗଳ ବୋର୍ଡ଼ ଗଠନ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଆଗାମୀ ଦିନରେ ଯଦି ସରକାର ପଦକ୍ଷେପ ନ ନିଅନ୍ତି ଆନ୍ଦୋଳନକୁ ଆହୁରି ତିବ୍ରତର କରାଯିବ ବୋଲି ନିଷ୍ପତି ନିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଡବ୍ଲୁଆଇର ଆନ୍ତର୍ଜାତିକ ପଲିସ୍ ଅଫିସର - ଡଃ ରାଜୀବ ଶର୍ମା, ଶ୍ରୀମତୀ ପ୍ରେରଣା ପ୍ରସାଦ, ଓଡ଼ିଶା ଆଇ.ଏନ୍.ଟି.ୟୁ.ସିର ସାଧାରଣ ସମ୍ପାଦକ - କିଶୋର ଜେନା, ପ୍ରଣତି ମିଶ୍ର, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ - ମହମ୍ମଦ ମୁର୍ତ୍ତୁଜା, ମହାରାଷ୍ଟ୍ରରୁ ଦାଦାର ଡୁଙ୍ଗଡେ, ଗୁଜୁରାଟରୁ ସେର ସିଂ ସମେତ ଅନ୍ୟପ୍ରତିନିଧିମାନେ ଯୋଗଦାନ କରିଥିଲେ ବୋଲି ଆଇ.ଏନ୍.ଟି.ୟୁ.ସିର ଉପସଭାପତି ତଥା ଜାତୀୟ ସଂଗଠନ ସମ୍ପାଦକ ମଦନ ମୋହନ ଧଳ ବିବୃତି ପ୍ରଦାନ କରିଛନ୍ତି।

### ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପୁସ୍ତକ ଉନ୍ମୋଚନ

ଭୁବନେଶ୍ୱର,୧୩।୪ : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ଗ୍ରାମପ ାୟତର ବାଲିଆସ୍ଥିତ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୀର୍ଘ ୪ଦିନଧରି ଚାଲିଥିବା ସଂପୃକ୍ତି କର୍ମଶାଳାର ତୃତୀୟ ଦିବସରେ ପ୍ରଫେସର ଡଃ. ଗୌରାଙ୍ଗ ଚରଣ ନନ୍ଦଙ୍କ ତତ୍ୱାବଧାନରେ ଡଃ. ମଧୁସ୍ମିତା ଦାଶଙ୍କର ଗବେଷଣାଲବ୍ଧ ସନ୍ଦର୍ଭ "ଉଚ୍ଚ ପ୍ରାଥମିକ ବିଜ୍ଞାନ ଶିକ୍ଷଣ କର୍ମରେ ଶିକ୍ଷାର୍ଥୀମାନଙ୍କର ଶୈକ୍ଷିକ ଉପଲବ୍ଧୀ ଓ ଅବଧାରଣା" ପୁସ୍ତକଟି ଉନ୍ମୋଚିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡଃ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ପ୍ରଫେସର ତଥା ନେତାଜୀ ସୁଭାଷ ବିଶ୍ୱବିଦ୍ୟାଳୟର ପୂର୍ବତନ ଭାଇସ ଚାନସେଲର ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଡଃ. ଗୌରାଙ୍ଗ ଚରଣ ନନ୍ଦ, କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରାଧ୍ୟାପକ ଡଃ. ପ୍ରଭାକର ମଲ୍ଲିକ , ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଶିକ୍ଷା ବିଭାଗର ମୁଖ୍ୟ ଡଃ. ବ୍ରଜବନ୍ଧୁ ଚିନ୍ନାରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରାଥମିକ ଶିକ୍ଷାରେ ଗବେଷଣାର ଆବଶ୍ୟକତା ଓ ବିଜ୍ଞାନ ଶିକ୍ଷାରେ ଗବେଷଣାର ଉପାଦେୟତା ସମ୍ପର୍କରେ ଅବଧାରଣା କରିଥିଲେ।

## 'ପ୍ରାରମ୍ଭ' ପ୍ରଶିକ୍ଷଣ ନେଲେ ୩୫୦ ଶିକ୍ଷକ

### ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ହାସଲ ମୂଳ ଲକ୍ଷ୍ୟ

କୋଣାର୍କ, ୧୩/୪



ଭୁବନେଶ୍ୱର,(ପି.ଏନ): ଜାତୀୟ ଶିକ୍ଷା ନୀତି - ୨୦୨୦ ଆଧାରରେ ପ୍ରଣୀତ 'ନିପୁଣ ଭାରତ'ର ମୂଳ ଲକ୍ଷ୍ୟ ଶିଶୁମାନଙ୍କ ପ୍ରାଥମିକ ଶିକ୍ଷା ପରିପ୍ରେକ୍ଷୀରେ ତୃତୀୟ ଶ୍ରେଣୀ ମଧ୍ୟରେ ପ୍ରତ୍ୟେକ ଶିଶୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ହାସଲ କରିବେ। ଏଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ 'ପ୍ରାରମ୍ଭ' ଶୀର୍ଷକ ଏକ ସ୍ୱତନ୍ତ୍ର ମଡ୍ୟୁଲ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ସମଗ୍ର ଶିକ୍ଷା, ପୁରୀ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗୋପ ବ୍ଲକର ୩୫୦ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଆଉ ୫୦ଜଣ ଶିକ୍ଷକଙ୍କୁ ଆସନ୍ତା ସପ୍ତାହରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ପ୍ରକାଶ କରିଛନ୍ତି । ଗୋପ ବ୍ଲକର ସାରଦା ୟୁଜିୟୁପି, ନୟାହାଟ ହାଇସ୍କୁଲ, ନିଗମାନନ୍ଦ ହାଇସ୍କୁଲ, ଗଣେଶ୍ୱରପୁର ଏନୟୁପିଏସ୍ ଓ ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲରେ ୭ଟି ପର୍ଯ୍ୟାୟରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ୍ ହୋଇଥିଲେ। ବିଇଓ ଶ୍ରୀ ବ୍ରହ୍ମାଙ୍କ ସମେତ ବିଆରସିସି ବେଣୁଧର ମଲ୍ଲିକ, ଏବିଇଓ ଅଶୋକ କୁମାର ବେହେରା ଓ ଏବିଇଓ ବିଳାସିନୀ ମଲ୍ଲ ପ୍ରଶିକ୍ଷଣ ଶିବିର ପରିଦର୍ଶନ କରି ପରିଚାଳନାଗତ ସଫଳତାକୁ ସୁନିଶ୍ଚିତ କରିଥିଲେ । ସାରଦା ୟୁଜିୟୁପି ସ୍କୁଲରେ ବରିଷ୍ଠ ସାଧନକର୍ମୀ ମହେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ରାଜେଶ ନାୟକ ଓ ବିଦ୍ୟାଧର ମିଶ୍ର ଏବଂ ନୟାହାଟ ହାଇସ୍କୁଲରେ ସାଧନକର୍ମୀ ଲଲାଟ ବେହେରା, ବିନୋଦ ମିଶ୍ର, ତାପସ ନାୟକ ଓ ସିଆରସିସି ସୁଚରିତା ପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନିଗମାନନ୍ଦ ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ଗଣେଶ୍ୱରପୁର ସ୍କୁଲ ପ୍ରଧାନଶିକ୍ଷକ ସୁବ୍ରତ ରଞ୍ଜନ ନାୟକ, ନୟାହାଟ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ରମାକାନ୍ତ ସେଠୀ, ସାରଦା ୟୁଜିୟୁପି ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଦାସ, ସିଆରସିସି ସ୍ମୃତିରେଖା ବରାଳ ଓ ସିଆରସିସି ଦେବାଶିଷ ପ୍ରଧାନ ପ୍ରଶିକ୍ଷଣ ଶିବିରର ପରିଚାଳନା କରିଥିଲେ ।
କୋଣାର୍କ




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray